ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୬ ● ୧୫ ଜାନୁଆରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -30 ● Issue-346 ● 15th January 2024, Monday ● Bhubaneswar

Licensed to post without pre-payment of postage No- BN-60/22-24









# ମହାନଦୀରେ ୧୬ ହଜାର ବିଦେଶୀ ପକ୍ଷୀ

**ଟାଙ୍ଗୀ-ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



କଟକ ବନଖଣ୍ଡ ଅଧିନରେ ଥିବା ଡାଳିଯୋଡ଼ା ବନାଞ୍ଚଳ ଅନ୍ତର୍ଗତ ମହାନଦୀ ଓ ଛତିଶା ପାଟରେ ବନ ବିଭାଗ ତରଫରୁ ପକ୍ଷୀ ଗଣନା ଅନୁଷ୍ଠିତ ହୋଇଯାଇଛି । କଟକ ବନ ଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଗାୟତ୍ରୀ ଦେବୀଙ୍କ ସମେତ ୮ଜଣ ବନ କର୍ମଚାରୀ ବୋଟ ଯୋଗେ ମହନଦୀ ଭିତରେ ପକ୍ଷୀ ଗଣନା ଆରମ୍ଭ କରିଥିଲେ । ମହାନଦୀରେ ୧୬ ହଜାର ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ଆକଳନ କରିଥିଲେ । ପରେ ଏହି ଟିମ୍ ଚୌଦ୍ୱାର ନିକଟ ଛତିଶା ପାଟରେ ପକ୍ଷୀ ଗଣନା କରି ସେଠାରେ ଏକ ହଜାର ବିଦେଶାଗତ ପକ୍ଷୀ ଆସିଥିବା ଆକଳନ କରିଥିଲେ । ଚଳିତ ବର୍ଷ ପ୍ରଥମ କରି ରେଡ଼ ପୋଚାର୍ଡ଼ ପ୍ରଜାତିର ପକ୍ଷୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଶୀତଋତୁ ଆଗମନରେ ବହୁ ସଂଖ୍ୟାରେ ବିଦେଶାଗତ ପକ୍ଷୀ ମହାନଦୀ ଓ ଛତିଶା ପାଟକୁ ଆସୁଥିବାରୁ ସେମାନଙ୍କ ସୁରକ୍ଷା ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ଚୌଦ୍ୱାର ବନପାଳ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

# ରଘୁନାଥପୁର ଓ ଗୋପାଳପୁରରେ ଆଧ୍ୟାତ୍ମିକ ପରିବେଶ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ରଘୁନାଥପୁର ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଗୁଆଳିପୁର ଗ୍ରାମପଞ୍ଚାୟତର ସମସ୍ତ ଗାଁ ଏହି ଉତ୍ସବରେ ଯୋଗଦେଇଥିଲେ । ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ରିନା ରାଣୀ ମଲ୍ଲିକ, ଜୋନ୍ ୨ ଜିଲ୍ଲା ପରିଷଦ ଇତିଶ୍ରୀ ମଲ୍ଲିକ, ସରପଞ୍ଚ ମନୋଜିନୀ ସାହୁ, ସମିତିସଭ୍ୟ କମଳାକାନ୍ତ ପରିଡା, ରଘୁନାଥପୁର ବ୍ଲକ ବିଜୁ ଜନତା ଦଳର ବ୍ଲକ ସଭାପତି ଦେବାଶିଷ ତ୍ରିପାଠୀ, ଯୁବ ବିଜେଡି ନେତା ପ୍ରକାଶ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଶାନ୍ତି ଶୃଙ୍ଖଳାର ସହିତ ପରିକ୍ରମାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମ ମାନଙ୍କରେ ଝୋଟି ଚିତା କରାଯାଇଥିଲା । ହୁଳହୁଳି ଓ ହରିବୋଲ ସହିତ ଆଧାତ୍ମିକ ପରିବେଶରେ ପରିକ୍ରମା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ସମାଜସେବୀ ନିହାରରଞ୍ଜନ ସାହୁ, ଅଭିନାଶ ପଟ୍ଟନାୟକ, ଅଜିତ ମହାରଣା, ଅତୁଲ୍ୟ ସ୍ୱାଇଁ, ରବୀନ୍ଦ୍ର ନାଥ ସ୍ୱାଇଁ, ବ୍ଲକ ଅଧିକାରୀ, ପଞ୍ଚାୟତ ପିଓ ଏବଂ ଅନ୍ୟ କର୍ମଚାରୀମାନଙ୍କ ସହିତ ପଞ୍ଚାୟତବାସୀ ସାମିଲ ହୋଇଥିଲେ । ସେହିପରି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମ ପଞ୍ଚାୟତରେ ମହାପ୍ରଭୁ ଜଗନ୍ନାଥଙ୍କ ଅର୍ପଣ ରଥଙ୍କୁ ପଞ୍ଚାୟତର ମା', ମାଉସୀଙ୍କ ସହିତ ସ୍ୱାଗତ କରାଯାଇଥିଲା । ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ କୁମାର ବେହେରା, ବିଡ଼ିଓ ତପନ କୁମାର ସେନାପତି, ସ୍ଥାନୀୟ ଜିଲ୍ଲାପରିଷଦ ସୁନୀଲ କୁମାର ବେହେରା, ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ ସମିତି ସଭ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ସ୍ନିଗ୍ଧା ସ୍ୱାଇଁ, ରାଜକିଶୋର ବଳ, ବିଜୟ କୁମାର ମହାନ୍ତି, ମମତା ଦାସ, ମୃଣ୍ମୟ କୁମାର ସାହୁ, ମନୋଜ କୁମାର ପ୍ରଧାନ, ପ୍ରଳୟ କୁମାର ରାଉତ, ସୋମନାଥ ସ୍ୱାଇଁ, ରମେଶ ଚନ୍ଦ୍ର ବାରିକ, ଲକ୍ଷ୍ମୀଧର ରାଉତ, ପ୍ରୀତିରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ କୁମାର ସ୍ୱାଇଁ, ଅଜିତ ଦାସଙ୍କ ସମେତ ଶତାଧିକ ଜନସାଧାରଣମାନେ ଉପସ୍ଥିତ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସନ୍ତା ୧୭ ତାରିଖରେ ମହାପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାପାଇଁ ଗାଁ ଗାଁରେ ପ୍ରଭୁ ଜଗନ୍ନାଥଙ୍କ ପରିକ୍ରମା ରଥକୁ ସ୍ୱାଗତ କରିବା ସହିତ ଗୁଆ ଓ ଅକ୍ଷତ ସଂଗ୍ରହ ଅଭିଯାନ କରାଯାଇଥିଲା ।

# ଯୁବ ସଂକଳ୍ପ ସମାବେଶରେ ବିଶୃଙ୍ଖଳା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍**

ଗୁରୁବାର ଜାତୀୟ ଯୁବ ଦିବସ ଉପଲକ୍ଷେ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କୁଳିଆ ଠାରେ ସ୍ଥାନୀୟ ବିଜେପି ପକ୍ଷରୁ ଯୁବ ସଂକଳ୍ପ ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ । ଯୁବସମାଜ ନିଜକୁସ୍ୱାମୀ ବିବେକାନନ୍ଦଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ବକ୍ତବ୍ୟ ରଖିଥିଲେ । ରାଜ୍ୟରେ ଆୟୁଷ୍ମାନ ଯୋଜନାକୁ ଲାଗୁକରିବାକୁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ମାତ୍ର କେନ୍ଦ୍ରମନ୍ତ୍ରୀଙ୍କ ସଭାରେ ଆଶାନୁରୂପ ଜନସମାବେଶ ନଥିବାରୁ ଭିନ୍ନ ଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳିଥିଲା । ସଭାର ଆୟୋଜକ ଶାରଦା ପ୍ରଧାନଙ୍କୁ ନେଇ ବିଜେପିରେ ଗୋଷ୍ଠୀ ବିବାଦ ରହିଥିବା ସ୍ପଷ୍ଟ ହୋଇଥିଲା । କର୍ମୀମାନଙ୍କ ଗଣ୍ଡଗୋଳ ଯୋଗୁ ଶୃଙ୍ଖଳା ଭଙ୍ଗ ହୋଇଥିଲା ।

# ବାଲେଶ୍ୱର ଜିଲ୍ଲା ମହୋତ୍ସବ:ଦର୍ଶକଙ୍କ ମନ ମୋହିଲା 'ହମ୍ ସୁଫି' ବ୍ୟାଣ୍ଡ

**ବାଲେଶ୍ୱର, ନ୍ୟୁଜ୍**

ଗତ ଜାନୁଆରୀ ୧୧ ତାରିଖରେ ଉଦ୍ଘାଟିତ ହୋଇଥିବା ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରିଥିଲେ । ଫକୀର ମୋହନ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବାଲେଶ୍ୱରର ରେଜିଷ୍ଟ୍ରାର ମନୋରମା ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପରିଷଦର ଉପସଭାପତି ଅନୁସୂୟା ପ୍ରଧାନ, ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ଜଳେଶ୍ୱର ପୌରପାଳିକା ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଓ ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍-୨୦୨୪ର ଜାତୀୟ ଯୁବ ଦିବସ କେନ୍ଦ୍ରିତ ଆଜିର କାର୍ଯ୍ୟକ୍ରମରେ ଯୁବ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଯୁବପିଢ଼ିଙ୍କ ନିମନ୍ତେ ବିଭିନ୍ନ କର୍ମଶାଳାର ଆୟୋଜନ କରାଯାଇଥିଲା । ବୈଷୟିକ ଦକ୍ଷତା ଜଡ଼ିତ କର୍ମଶାଳାରେ ସରକାରୀ ପଲି ଟେକ୍ନିକାଲ ଏବଂ ସରକାରୀ ଆଇଟିଆଇର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ ବ୍ୟବହାରିକ କୌଶଳ ଉପରେ ଜ୍ଞାନ ଅର୍ଜନ କରିଥିଲେ । ତତ୍‌ସହିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଓ ସକ୍ଷମ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା 'ଡ୍ରଗ ସଚେତନତା' କର୍ମଶାଳାରେ ମଧ୍ୟ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ନିଶାଦ୍ରବ୍ୟର କ୍ଷତିକାରକ ପ୍ରଭାବ ଏବଂ ଡ୍ରଗ ମୁକ୍ତ ସମାଜର ପ୍ରତିପୋଷଣରେ ଗୁରୁତ୍ୱ ବିଷୟରେ ଶିକ୍ଷା ଲାଭ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ଆକର୍ଷଣୀୟ ମଞ୍ଚ ଉପସ୍ଥିତି ଏବଂ ହୃଦୟ ସ୍ପର୍ଶୀ ସୁଫି ସଙ୍ଗୀତ ସହିତ ବାଲେଶ୍ୱରବାସୀଙ୍କୁ ଏକ ନିଆରା ଅନୁଭୂତି ଭେଟି ଦେଇଥିଲା । ଜାତୀୟସ୍ତରର ପ୍ରଖ୍ୟାତ 'ହମ ସୁଫି' ବ୍ୟାଣ୍ଡ ସେହିଭଳି ବାଲେଶ୍ୱରର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଏହି ମହାସମାରୋହକୁ ବାଲେଶ୍ୱରର ଜନସାଧାରଣ ମାନେ ବହୁ ସଂଖ୍ୟାରେ ଯୋଗଦେଇ ଉପଭୋଗ କରିଥିଲେ ।

# ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ରାୟଗଡ଼ା ବନ ବିଭାଗର ପଦକ୍ଷେପ



**ରାୟଗଡ଼, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ ସ୍ଥିତ ଫରେଷ୍ଟ ପାର୍କରେ ବନାଞ୍ଚଳ ସ୍ତରୀୟ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିବାରଣ କାର୍ମଶାଳା ଆୟୋଜିତ ହୋଇଥିଲା । ଏହି କାର୍ମଶାଳାରେ ରାୟଗଡ଼ ଓ କଲ୍ୟାଣସିଂହପୁରର ସମସ୍ତ କର୍ମଚାରୀ ଓ ପାରା କର୍ମଚାରୀମାନେ ଯୋଗଦାନ କରିଥିଲେ । ଏହି କାର୍ମଶାଳାରେ ଚଳିତ ବର୍ଷରେ କିପରି ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇପାରିବ ସେ ଉପରେ ଆଲୋକପାତ କରଯାଇଥିଲା । ଏଥିରେ ପ୍ରଶିକ୍ଷକ ଓ ଏହାସହ ନିଆଁଲିଭା ଯନ୍ତାଂଶର ମରାମତି ଓ ବ୍ୟବହାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଶିକ୍ଷକ ନିଆଁଲିଭା ଯନ୍ତାଂଶର କିପରି ଉନ୍ନତ ଭାବେ ବ୍ୟବହାର କରାଯାଇପାରିବ ସେ ବିଷୟରେ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ସତ୍ୟଜିତ କର, ଉପ ବନ ସଂରକ୍ଷକ (ଟ୍ରେନି), ରାୟଗଡ଼ ଯୋଗଦାନ କରିଥିଲେ ଓ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ନିବାରଣରେ ନୂତନ ଭାବେ ସଂଲଗ୍ନ ଥିବା ଏଭେଞ୍ଜା ଅପର ବ୍ୟବହାର ବିଷୟରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ । ଏହାସହ ଏହି କର୍ମଶାଳାରେ ସଞ୍ଜୟ କୁମାର ଦାଶ, ବନାଞ୍ଚଳ ଅଧିକାରୀ, ରାୟଗଡ଼ ଓ ଚନ୍ଦନ ଗୋମାଙ୍ଗ, ବନାଞ୍ଚଳ ଅଧିକାରୀ, କଲ୍ୟାଣ ସିଂହପୁର ଯୋଗଦାନ କରିଥିଲେ ।



# ବ୍ରହ୍ମପୁରରେ ଅର୍ପଣ ରଥ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆସନ୍ତା ୧୭ ତାରିଖରେ ଲୋକାର୍ପିତ କରିବାକୁ ଯାଉଛନ୍ତି । ଏହି ଅବସରରେ ସମଗ୍ର ରାଜ୍ୟରେ ଅର୍ପଣ ରଥ ବୁଲି ବୁଲି ଗୁଆ ଚାଉଳ ସଂଗ୍ରହ କରୁଛି । ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ବିଏମସି ୨୩ ନମ୍ବର ୱାର୍ଡରେ ଅର୍ପଣ ରଥ ବୁଲି ଗୁଆ ଚାଉଳ ସଂଗ୍ରହ କରିଥିଲା । କର୍ପୋରେଟର ଆରତୀ ତନ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସଂଘମିତ୍ରା ଦଳେଇ ଗୁଆ ଚାଉଳ ମାଗୁଥିବାର ଦେଖିବାକୁ ମିଳିଥିଲା । ମହିଳାମାନେ ଝୋଟି ଓ କୁମ୍ଭ ବାଡ଼ିବା ସହ ଘଣ୍ଟ, ମୃଦଙ୍ଗ ଦ୍ୱାରା ରଥ ପରିକ୍ରମାରେ ଯୋଗଦେଇଥିଲେ । ଏଥିରେ ବହୁ ଅଞ୍ଚଳବାସୀ ସହଯୋଗ କରିଥିଲେ ।

# କୁଲଡିହା ହସ୍ତୀ ଅଭୟାରଣ୍ୟ ନେଇ ସିପିଆଇ(ଏମ୍) ଉଦ୍‌ବେଗ

**ନୀଳଗିରି, ନ୍ୟୁଜ୍**

ନୀଳଗିରି ସିପିଆଇ (ଏମ୍) କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବାଦଦାତା ସମ୍ମିଳନୀରେ ନୀଳଗିରିର ମୁଖ୍ୟ ତଥା ଗୁରୁତର ସମସ୍ୟା କୁଲଡିହା ହସ୍ତୀ ଅଭୟାରଣ୍ୟ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ।୧୯୮୪ ମସିହାରେ ସରକାର ଏହାକୁ ହସ୍ତୀ କରିଡ଼ର ଘୋଷଣା କରାଯାଇଥିଲା। ଉକ୍ତ କରିଡ଼ର ୩ ଭାଗରେ ବିଭକ୍ତ। ଯଥା- କୋର ଏରିଆ, ଦ୍ୱିତୀୟରେ ଇକୋ ସେନ୍ସିଟିଭ ଜୋନ୍ ଯାହାର ପରିସୀମା ୮ରୁ ୧୦ କିମି ମଧ୍ୟରେ ପରିବ୍ୟାପ୍ତ। ଏହାର କୋର ଏରିଆ ମଧ୍ୟରେ ଅନେକ ଜନବସତି, ଗାଁ ଗଣ୍ଡା ରହିଛି। ନିୟମ ଅନୁଯାୟୀ, ଏଗୁଡ଼ିକ ରହି ପାରିବ ନାହିଁ। ଉକ୍ତ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ବିସ୍ଥାପିତ ହେବାକୁ ପଡ଼ିବ। ଯେଉଁପାଇଁ, ସେମାନଙ୍କ ଉପରେ ନୋଟିସ ଜାରି ହେବାପରେ,ସେମାନେ ମିଳିତ ଭାବେ ଉଚ୍ଚ ନ୍ୟାୟାଳୟରୁ ରହିତାଦେଶ ଆଣି କୋର ଏରିଆରେ ରହିଛନ୍ତି। ନ୍ୟାୟାଳୟଙ୍କ ଅନ୍ୟ ଏକ ନିର୍ଦ୍ଦେଶ ମୁତାବକ, ପ୍ରଶାସନ,ଏହି କୋର ଏରିଆରେ କେତେ ଲୋକ ବସବାସ କରୁଛନ୍ତି, କେତେ ଅଙ୍ଗନୱାଡ଼ି କେନ୍ଦ୍ର ଅଛି, କେତେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି, କେତେ ବିଦ୍ୟାଳୟ ରହିଛି, ଏହାର ସର୍ଭେ କରି କୋର୍ଟଙ୍କୁ ଜଣାଇବା କଥା। କିନ୍ତୁ ଏହି ନିର୍ଦ୍ଦେଶ ନାମା ନାଳିଫିତା ଫାଇଲ ମଧ୍ୟରେ ପଡି ରହିଥିବା ସିପିଏମ ନେତୃବନ୍ଦ ଅଭିଯୋଗ କରିଛନ୍ତି। ସମ୍ମିଳନୀରେ ଉପସ୍ଥିତ ଥିବା, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର୍ ପାତ୍ର, ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଅବତାରଣା କରିବା ସହିତ ଏଥିପାଇଁ ଦଳପକ୍ଷରୁ ଦୀର୍ଘ ଦିନ ଧରି ଆନ୍ଦୋଳନ, ଧାରଣା କାର୍ଯ୍ୟକ୍ରମ ଚାଲୁ ରହିଛି ବୋଲି କହିଥିଲେ।ସେହିପରି ଜଙ୍ଗଲ ଜମି ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବ ହୋଇଛି। ୧୫ ଶହ ଦରଖାସ୍ତ କାରୀଙ୍କ ମଧ୍ୟରୁ ମାତ୍ର ୨୦୦ ପରିବାର ପଟ୍ଟା ପାଇଛନ୍ତି। ତଥାପି ଉପଖଣ୍ଡ କିମ୍ବା ଜିଲ୍ଲା ପ୍ରଶାସନର ଚେତା ପଶୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟତମ ଜିଲ୍ଲା କମିଟି ସଭ୍ୟ, ସତ୍ୟଜିତ ଦାସ, ନୀଳଗିରିରେ ଆର.ଡି.ଅଫିସ ଅଛି, କିନ୍ତୁ ଏଠାରେ କୌଣସି ଅଧିକାରୀ ରହୁନଥିବା ଅଭିଯୋଗ କରିଥିଲେ। ଉପରୋକ୍ତ ସମସ୍ୟା ଗୁଡ଼ିକର ଆଶୁ ସମାଧାନ ନହେଲେ, ଆଗାମୀ ୧୬ ତାରିଖ ପରେ, ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ ଓ ଗଣଧାରଣା କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ, ବରିଷ୍ଠ ପାର୍ଟି ସଦସ୍ୟ, ଷ୍ଟାଲିନ ମିଶ୍ର ଓ ହେମେନ୍ଦ୍ର ସେଠୀ ଉପସ୍ଥିତ ଥିଲେ। ଜିଲ୍ଲା କମିଟି ସଭ୍ୟ ଯୋଗାନନ୍ଦ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ।

# ଶିକ୍ଷକଙ୍କ ଗଳା କାଟି ଆତ୍ମହତ୍ୟା ଉଦ୍ୟମ:ସ୍ତ୍ରୀ ଆଣିଲେ ମାନସିକ ଯନ୍ତ୍ରଣା ଅଭିଯୋଗ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ବ୍ଲକ କଚରାପାରା ପଞ୍ଚାୟତ ଠାରେ ଥିବା ଅଲେଖ ମହିମା ଉଚ୍ଚ ବିଦ୍ୟାଳୟରେ ଜଣେ କାର୍ଯ୍ୟରତ ସହକାରୀ ଶିକ୍ଷକ ଆଶିଷ କୁମାର ସ୍ୱାଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ନିଜ ଗଳା କାଟିବା ଭଳି ଘଟଣା ଦେଖିବାକୁ ମିଳିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଗତ ଡିସେମ୍ବର ମାସରୁ ମାନସିକ ଚାପରେ ରହୁଥିଲେ । ନିଜ ସ୍ୱାସ୍ଥ୍ୟ ଖରାପ ହେବା ଯୋଗୁଁ କଟକ ସ୍ଥିତ ଏସସିବି ମେଡ଼ିକାଲ ଯାଇ ଚିକିତ୍ସା ହୋଇ ଫେରିବା ପରେ ବିଦ୍ୟାଳୟରେ ତାଙ୍କୁ ମାନସିକ ଯନ୍ତ୍ରଣା ଦିଆଯିବା ସହ ସ୍କୁଲର ସମସ୍ତ କାମ କରିବାକୁ ବାଧ୍ୟ କରାଯାଉଥିଲା । ଏଥିସହ ଗତ ଡିସେମ୍ବର ମାସରେ ୧୧ ତାରିଖ ଠାରୁ ୧୮ ତାରିଖ ଛୁଟି ନେଇ ତାଙ୍କ ଦରମା ହୋଇନଥିଲା । ଏହିପରି ଘଟଣା ମାନ ଘଟୁଥିବା ନେଇ ବୁଧବାର ଦଉଡି ସାହାଯ୍ୟରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ସମୟରେ ସ୍ତ୍ରୀ ଗୀତାଞ୍ଜଳି ସ୍ୱାଇଁ ଦେଖି ଅଟକାଇଥିଲେ । ପୁଣି ଥରେ ବ୍ଲେଡରେ ନିଜ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସ୍ତ୍ରୀ ଗୀତାଞ୍ଜଳି ଏହା ଜାଣିବା ପରେ ପାଟି କରିବାରୁ ସାହି ପଡିଶା ଲୋକେ ପହଁଚି ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନେଇଯାଇଥିଲେ । ଆଶୁ ଚିକିତ୍ସା ପରେ ପରିବାର ଲୋକେ କଟକ ନେଇଯାଇଥିବା ଜଣାପଡିଛି । ସହକାରୀ ବିଜ୍ଞାନ ଶିକ୍ଷକଙ୍କ ସ୍ତ୍ରୀ ଗୀତାଞ୍ଜଳି କହିବା ଅନୁଯାୟୀ ବିଦ୍ୟାଳୟରେ ବାରମ୍ବାର ଏହିପରି ବ୍ୟବହାରକୁ ନେଇ ତାଙ୍କ ସ୍ୱାମୀ ଆଶିଷ କୁମାର ସ୍ୱାଇଁ ମାନସିକ ଚାପରେ ରହୁଥିବା ପ୍ରକାଶ କରିଛନ୍ତି । ଉକ୍ତ ଘଟଣାକୁ ନେଇ ରାଇଘର ଥାନା ସହ ଯୋଗାଯୋଗ କରିବାରୁ ଥାନାରେ କୌଣସି ଅଭିଯୋଗ ଆସିନଥିବା କହିଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ଭୁବନ ମୋହିନୀ ନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ ଘଟଣା ସହ ସ୍କୁଲ କିମ୍ବା ତାଙ୍କ ନିଜର କୌଣସି ସମ୍ପର୍କ ନଥିବା ସହ ଅନ୍ୟ କୌଣସି କାରଣରୁ ଏହା ଘଟିଥିବା ପ୍ରକାଶ କରିଛନ୍ତି ।

# ମହାନଦୀ ଆଳତୀ ଘାଟରେ କବିତା ପାଠୋତ୍ସବ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧର ପବିତ୍ର ସ୍ଥଳୀ ଭାବେ ପରିଚୟ ସୃଷ୍ଟି କରିଥିବା ମହାନଦୀ ଆଳତୀ ଘାଟରେ ଶତାଧିକ କବି ଭାବୁକ ଏକାଠି ହୋଇଥିଲେ । ନୂତନ ବର୍ଷ ଅବସରରେ ଜ୍ଞାନ ପ୍ରକାଶ ତରଫରୁ ବନ୍ଧୁ ମିଳନ ସହିତ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ୟଙ୍ଗ କବି ଶାନ୍ତନୁ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରେମ କବି କିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । କବିତାଗୁଡିକୁ ସଂଯୋଜକ ସତ୍ୟ ନାରାୟଣ ସାହୁ ଓ ନବ କୁମାର ଦୀପ ସଂଯୋଜନା କରିଥିଲେ । ବରିଷ୍ଠ କବୟିତ୍ରୀ ପଦ୍ମାବତୀ ମିଶ୍ର, ପଦ୍ମାଳୟା ମିଶ୍ର ଓ ଝରଣା ମିଶ୍ର କବିମାନଙ୍କ ପାଇଁ ପ୍ରବାହିତ ମହାନଦୀ ଓ ମନ୍ଦିର ମଝିରେ ଥିବା ଖୋଲା ଆକାଶ ସ୍ଥାନ ସର୍ବଶ୍ରେଷ୍ଠ ବୋଲି ପ୍ରକାଶ କରିଥିଲେ । ସୁସାହିତ୍ୟିକ ଦେବେନ୍ଦ୍ର ମିଶ୍ର, ବିଷ୍ଣୁପ୍ରସାଦ ତ୍ରିପାଠୀ, କାର୍ତ୍ତିକେଶ୍ୱର ନାୟକ, ଚନ୍ଦ୍ରକାନ୍ତ ନାୟକ ମଞ୍ଚାସୀନ ଥିଲେ । ୫୦ ଜଣ କବି ଓ କବୟିତ୍ରୀ ତାଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଚଳିତବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ଏବଂ ଆସନ୍ତା ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ଓ ଜାତୀୟ ସମ୍ମିଳନୀ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରତିଷ୍ଠାତା ଜ୍ଞାନଚାନ୍ଦ ଶତପଥି, ସମ୍ପାଦକ ସରୋଜ କୁମାର ସାହୁ, ଜିଲ୍ଲାମୁଖ୍ୟ ବସନ୍ତ କୁମାର ସାହୁ ଓ ଦେବାଶିଷ ପୁରୋହିତ ପରିଚାଳନା କରିଥିଲେ । ଶେଷରେ ସମସ୍ତ କବିବନ୍ଧୁ ସନ୍ଧ୍ୟା ମହାନଦୀ ଆଳତୀରେ ଯୋଗଦାନ କରିଥିଲେ ।



# କପାଳେଶ୍ୱର ଓ ପୁରୁଷୋତ୍ତମପୁର ପଞ୍ଚାୟତରେ ଅର୍ପଣ ରଥ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଓ ପୁରୁଷୋତ୍ତମପୁର ପଞ୍ଚାୟତରେ ଶ୍ରୀ ଜଗନ୍ନାଥ ଅର୍ପଣ ରଥ କାର୍ଯ୍ୟକ୍ରମ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଗୁଳନଗର ପଞ୍ଚାୟତର ସରପଞ୍ଚ କଳ୍ପନା ମଲିକଙ୍କ ନେତୃତ୍ୱରେ ଅର୍ପଣ ରଥ ଆଳିଜଙ୍ଗା, ହଳଦିଡିହ, ଗରୁଆଳ, ଜଝାଙ୍ଗ, ଖମାର କେଶପୁର, ସମଲପୁର ପ୍ରଭୃତି ଅଞ୍ଚଳ ବୁଲି ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲା । ସ୍ଥାନୀୟ ଅଞ୍ଚଳର ମହିଳାମାନେ ରଥକୁ ବ୍ୟାପକ ସ୍ୱାଗତ ଓ ସ୍ୱର୍ଦ୍ଧନା କରିଥିଲେ । ରାଜ୍ୟ ଯୁବ ବିଜେଡି ସଂପାଦକ ଲୋହିତ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ପ୍ରତାପ ମହାପାତ୍ର, ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତିଙ୍କ ସମେତ ମିଶନ ଶକ୍ତି ମଣ୍ଡଳର ବହୁ ସଦସ୍ୟା ଉପସ୍ଥିତ ଥିଲେ । ସେହିପରି ପୁରୁଷୋତ୍ତମପୁର ପଞ୍ଚାୟତରେ ସରପଞ୍ଚ ପୂର୍ଣ୍ଣିମା ସେଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅନନ୍ତ ସେଠୀ, ନାଏବ ସରପଞ୍ଚ ଗୁରୁ ଚରଣ ରାଉତଙ୍କ ସମେତ ଶରତ ମହାନ୍ତି, ରଞ୍ଜନ କୁମାର ମଲିକ, ପ୍ରଶାନ୍ତ ସ୍ୱାଇଁଙ୍କ ସମେତ ମିଶନ ଶକ୍ତି ମଣ୍ଡଳର ବହୁ ସଦସ୍ୟାମାନେ ଉପସ୍ଥିତ ରହି ପଞ୍ଚାୟତର ସମସ୍ତ ଗ୍ରାମରେ ରଥକୁ ପରିକ୍ରମା କରାଇ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲେ । ରଥକୁ ବିଭିନ୍ନ ଗ୍ରାମରେ ମହିଳା ମାନେ ହୁଳୁହୁଳି, ହରିବୋଲ, ଜୟ ଜଗନ୍ନାଥ ଧ୍ୱନି ଦେଇ ବ୍ୟାପକ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

# ଲୋକକଳା ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର ପ୍ରସାର ନିମନ୍ତେ ପ୍ରୋତ୍ସାହନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ସମ୍ପର୍କରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ସଚିବ, ଅତସୀ ଦାସ ଯୋଗଦେଇ ଲୋକକଳା ମାଧ୍ୟମରେ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଗୁଡିକର ପ୍ରଚାର ଓ ପ୍ରସାର ନିମନ୍ତେ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ସେ କହିଥିଲେ ଯେ, ଜଗତସିଂହପୁର ମାଟି ହେଉଛି କଳା ଓ ସଂସ୍କୃତିର ପୃଷ୍ଠଭୂମି । ତେଣୁ ଏହି ମାଟିର କଳାକାରମାନେ ନିଜର ନିଖୁଣ କଳା ଚାତୁରୀ ମାଧ୍ୟମରେ, ତୃଣମୂଳ ସ୍ତରରେ, ସରକାରଙ୍କ ଯୋଜନା ଗୁଡିକୁ ସଫଳ ଭାବେ ପହଞ୍ଚାଇପାରିବେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲ୍ଲାର ବରିଷ୍ଠ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓଡ଼ିଶାର ଐତିହ୍ୟ, ପରମ୍ପରା ଏବଂ ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ଭୂମିକା ବିଷୟରେ ଉପସ୍ଥାପନ କରିଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି, ସହକାରୀ ଏଲଡିଏମ୍, ୟୁକୋ ବ୍ୟାଙ୍କ, ସୁଶ୍ରୀ ଦମୟନ୍ତୀ ମୁର୍ମୁ, ଜଗତସିଂହପୁର ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ବନମାଳୀ ପତି ପ୍ରମୁଖ ଉପସ୍ଥିତ କଳାକାର ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ । ଏହାପରେ ପ୍ରତିଟି ବ୍ଲକର ସଂସାଧନ ସଭ୍ୟ ଏବଂ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ମାନଙ୍କୁ ବିଭାଗୀୟ ଅଧିକାରୀ ମାନେ ସରକାରଙ୍କ ୧୫ ଗୋଟି ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହ ଲୋକକଳା ପ୍ରୟୋଗ ମାଧ୍ୟମରେ କିପରି ଏହାର କାର୍ଯ୍ୟକାରିତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପରେ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ସଂସାଧନ ସଭ୍ୟମାନେ ମଧ୍ୟ ଏହି ପ୍ରଶିକ୍ଷଣ ସମ୍ବନ୍ଧୀୟ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ସରକାରଙ୍କ ୧୫ଟି ଯୋଜନା ଯେପରି କି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡ଼ିଶା ନବୀନ ଓଡ଼ିଶା, ୫ଟି ହାଇସ୍କୁଲ ରୂପାନ୍ତରିକରଣ, ହରିଶ୍ଚନ୍ଦ୍ର ଯୋଜନା ଏବଂ ନୂତନ ଭାବେ ଯୋଡି ହୋଇଥିବା ଜନଜାତି ବହୁଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଆମ ବ୍ୟାଙ୍କ, ଲକ୍ଷ୍ମୀ ବସ ସେବା, ଆମ ଐତିହ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ ୫ | ୪ବୃ | ରା୩ ଚଶୁ୨ |
| ୭ | ୨୪ / ୧୧ | ରଲ |
| ୮ ୯କେ | ୧୦ | ମବୁ୧୨ ୧୧ ଶୁ |

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ: -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ: - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୫।୧।୨୦୨୪, ମାଘ ଦି୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୬।୨୪।୩୮ ଚନ୍ଦ୍ରୋଦୟ- ଦିଘ୯।୩୨।୧୩**

ପଞ୍ଚମୀ- ରାଘ ୨।୧୭ ପର୍ଯ୍ୟନ୍ତ । ଶତଭିଷା ନକ୍ଷତ୍ର - ଦିଘ ୮।୦୮ ପର୍ଯ୍ୟନ୍ତ । କୁମ୍ଭ ଚନ୍ଦ୍ର - ରାଘ୧୨।୩୮ ପର୍ଯ୍ୟନ୍ତ । **ଚନ୍ଦ୍ର ଶୁଦ୍ଧି -** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ୧୨।୩୮ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ୧୨।୩୮ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ରାଘ ୨।୧୭ ପରେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୭।୫୦ ମଧ୍ୟେ ଦିଘ ୧୦।୫୧ ଗତେ ଘ ୧୨।୪୯ ମଧ୍ୟେ । **ପର୍ବୋତ୍ସବ -** ମକର ସଂକ୍ରାନ୍ତି, ପୋଙ୍ଗଲ, ଗଙ୍ଗାସାଗର ସ୍ନାନ, ବରଗଡ଼ରେ ଧନୁଯାତ୍ରାରମ୍ଭ ।



**ମେଷ:** ମନରେ ସରସତା ଆସିବ । କାର୍ଯ୍ୟ ପ୍ରାପ୍ତି । ଆୟରେ ଅଗ୍ରଗତି । ପରିବାରରେ ଆନନ୍ଦ ମିଳିବ । ଦୂରଯାତ୍ରା କରିବାକୁ ପଡ଼ିପାରେ । ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗିପାରେ । ଦେହ ଓ ମନ ଭଲ ରହିବ ।



**ବୃଷ:** ସୁଖ ସମ୍ମାନ ପାଇବେ । କାମ ଗୁଡ଼ିକ ସୁରୁଖୁରୁରେ ସମ୍ପାଦନ ହେବ । ସମାଜ ସେବା ପ୍ରତି ମନ ବଳାଇବେ । ପରିବହନ ସମସ୍ୟା ଦୂର ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ମିଥୁନ:** ଆଜି ଦିନଟି ଭଲରେ କଟିବ ନାହିଁ । ଦୂରଯାତ୍ରା କରି ସତର୍କତା ଅବଲମ୍ବନ କରିବେ । ମାନହାନୀ ଓ ଧନହାନୀର ଆଶଙ୍କା । ଅନ୍ୟମନସ୍କ ରହିବେ । ଶୁଭ କାର୍ଯ୍ୟରେ ଯୋଗ ଦେବେ । ଘରେ କଳହ ସୃଷ୍ଟି ।



**କର୍କଟ:** ପାରିବାରିକ ଅଶାନ୍ତି । ଖାଦ୍ୟପେୟରେ ଅନିୟମିତତା । ଏଣୁ ଦେହ କଷ୍ଟ ଭୋଗିବାର ସୂଚନା । ଆୟ ମଧ୍ୟମ ହେବ । ଗୃହ ସଜା ପ୍ରତି ଆଗ୍ରହ ବଢ଼ିବାରେ । ବ୍ୟବସାୟ ମଧ୍ୟମ ଧରଣର ହେବ ।



**ସିଂହ:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ବୃଦ୍ଧି ପାଇବ । ସହକର୍ମୀମାନଙ୍କ ସହଯୋଗରେ ଉନ୍ନତି । ଆଦର ସମ୍ମାନ ଲାଭ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ସତ କଥା କହି ବିରୋଧୀ ହେବାର ଆଶଙ୍କା ।



**କନ୍ୟା:** ନିର୍ଭୟରେ ସବୁ କାମ କରି ଜୟଯୁକ୍ତ ହେବେ । ଶତ୍ରୁ ଆପେ ଆପେ ହାର ମାନିବେ । ଆୟ ଓ ବ୍ୟୟ ସମାନ ରହିବ । ସୁଖ ଭ୍ରମଣ ଯୋଗ ରହିଛି । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଯାହା କହିବାର ଅଛି ବୁଝିବିଚାରି କରନ୍ତୁ । ଅନ୍ୟଥା ବିପଦ । ନୀରବ ଚିନ୍ତା ଆପଣଙ୍କ ପାଇଁ ଶ୍ରେୟସ୍କର । ରୋଜଗାର ମଧ୍ୟମ ହେବ । ଗୃହେ ବନ୍ଧୁ ମିଳନର ସୂଚନା । ଠକାମିରେ ପଡ଼ିପାରନ୍ତି । ମନ ଅସ୍ଥିର ରହିବ ।



**ବିଛା:** କର୍ମକ୍ଷେତ୍ରରେ ଅଶାନ୍ତି । ପର ପାଇଁ ନିଜର ପରିଶ୍ରମ ବୃଦ୍ଧି । ଦୂରଯାତ୍ରା କରି ନିରାଶ ହେବେ । ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହେବ । ମାନସିକ ଅସ୍ଥିରତା ଦେଖାଦେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ ।



**ଧନୁ:** ପରିବାରରେ ଆନନ୍ଦ । ଭୋଜନେ ତୃପ୍ତି ଲାଭ ହେବ । କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ ହୋଇ ଉନ୍ନତି ସାଧନ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥା ବ୍ୟାହତ ହେବାର ସୂଚନା । ମହିଳାମାନେ ଗର୍ବୀ ହେବେ ।



**ମକର:** ବୁଝି ବିଚାରି କାର୍ଯ୍ୟକ୍ରମ ହାତକୁ ନେଲେ ଭଲ । ପରସ୍ପର ବୁଝାମଣା ଦ୍ୱାରା କାର୍ଯ୍ୟ ପ୍ରାପ୍ତି । ସୁପରାମର୍ଶ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**କୁମ୍ଭ:** ବିଭିନ୍ନ ଦିଗରୁ ସୌଜନ୍ୟତା ଲାଭ କରିବେ । ଆଦର ସମ୍ମାନ ମିଳିବ । ସାର୍ବଜନୀନ କାର୍ଯ୍ୟ କରିପାରନ୍ତି । ଆୟ ଅପେକ୍ଷା ବ୍ୟୟ ବୃଦ୍ଧି । ଗୃହେ ଆନନ୍ଦ । ସହଯୋଗୀଙ୍କ ସହଯୋଗ ପ୍ରାପ୍ତ ହେବ । ମନ ଭଲ ରହିବ ।



**ମୀନ:** ପ୍ରତ୍ୟେକ କାର୍ଯ୍ୟରେ ବାଧା ଆସିବ । ମନରେ ଅଶାନ୍ତି ଲାଗି ରହିବ । ବନ୍ଧିରେ ରହିବା ପରି ଅନୁଭବ କରିବେ । ସମ୍ମାନ ଲାଭ ହେବ । ରୋଜଗାରରେ ଉନ୍ନତି ହେବ । ପରିବାରରେ ଖୁସି ଲାଭ ହେବ ।



# ମଦନପୁର ପଞ୍ଚାୟତରେ ଭକ୍ତିମୟ ପରିବେଶ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତରେ ତିନିଦିନି ଧରି ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥକୁ ସରପଞ୍ଚ ହିମାଂଶୁ ଚରଣ ଜେନାଙ୍କ ନେତୃତ୍ୱରେ ପୂଜକ ପୂଜାର୍ଚ୍ଚନା କରି ଶଙ୍ଖ ହୁଳହୁଳି ନାମ ସଂକୀର୍ତ୍ତନ ଧ୍ୱନିରେ ପଞ୍ଚାୟତର ପ୍ରତ୍ୟେକ ଗ୍ରାମ ତଥା ମଦନପୁର, କାନପୁର, ଭଗାନଈ, ସଟଡିରା, ହସନପୁର, ବାଙ୍କିଡି, ଖଡିକାଶୁଳବାହାଳି, ପାହାଡ଼ପୁର, ପଥରପଦା ଗ୍ରାମରେ ତିନିଦିନ ଧରି ଖୋଲା ପଦରେ ମା' ଭଉଣୀ ଓ ବରିଷ୍ଠ ବ୍ୟକ୍ତିମାନେ ଶଙ୍ଖ ହୁଳହୁଳି ନାମ ସଂକୀର୍ତ୍ତନ କରି ଅର୍ପଣ ରଥ ପରିକ୍ରମା କରି ପ୍ରତି ଘରୁ ଗୁଆ ଚାଉଳ ସଂଗ୍ରହ କରି ଭକ୍ତିମୟ ପରିବେଶ ସୃଷ୍ଟି କରାଯାଇଛି । ଏଥିରେ ମିଶନଶକ୍ତି ମାଆମାନେ ସକାଳୁ ଏକତ୍ରୀତ ହୋଇ ରାସ୍ତାରେ ମୌଜା ପକାଇ ପ୍ରତି ଘରର ସମ୍ମୁଖରେ ଦୀପଧୂପ ଲଗାଇ ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ସହ ପୂଜାର୍ଚ୍ଚନା କରିଛନ୍ତି । ଆସନ୍ତା ୧୭ ତାରିଖରେ ବରିଷ୍ଠ ବ୍ୟକ୍ତି ମାଗଣାରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୁଲିଯିବେ ବୋଲି ଲୋକଙ୍କ ମନରେ ଉତ୍ସାହ ଭରି ରହିଛି । ଏହି ଅର୍ପଣ ରଥ କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଏକତ୍ରୀତ ହୋଇ ନାମ ସଂକୀର୍ତ୍ତନ କରି ମା'ମାନେ ହୁଳହୁଳି ପକାଇ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ



ପୃଷ୍ଠା- ୪ ଓ ୫

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ପୃଷ୍ଠା–୩

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୦ ● ସଂଖ୍ୟା–୩୪୬ ● ୧୫ ଜାନୁଆରୀ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -30 ● Issue-346 ● 15th January 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

# ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ଯଜ୍ଞ, ପୂଜାନୀତି

**ପୁରୀ, ୧୪।୧ : ନ୍ୟୁଜ୍ ବ୍ୟୁରୋ**

ପାଖେଇ ଆସୁଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ସମୟ। ମଝିରେ ଆଉ ମାତ୍ର ଦୁଇ ଦିନ। ଅର୍ଥାତ ପୌଷ ଶୁକ୍ଳ ସପ୍ତମୀ ତିଥି (ଜାନୁଆରୀ ୧୭ ତାରିଖ)ରେ ଭବ୍ୟ, ଦିବ୍ୟ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହ୍ୟ ପ୍ରକଳ୍ପର ଲୋକାର୍ପଣ କରିବେ। ଏହି ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ଯଜ୍ଞ ପାଇଁ ପୂଜାନୀତି ଆରମ୍ଭ ହୋଇଯାଇଛି। ଯଜ୍ଞମଣ୍ଡପ ଓ ପରିକ୍ରମା ମାର୍ଗ ବି ପ୍ରସ୍ତୁତ ହୋଇସାରିଛି।

ମନ୍ତ୍ରୋପୋଚ୍ଚାରଣରେ ଶ୍ରୀକ୍ଷେତ୍ର କମ୍ପୁଛି। ଜୟ ଜଗନ୍ନାଥ ଧ୍ୱନି ଗୁଞ୍ଜରିତ ହେଉଛି। ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ଶୁକ୍ରବାର ଠାରୁ ଆଦ୍ୟପର୍ବ ଯଜ୍ଞର ବିଭିନ୍ନ ପୂଜାନୀତି ଆରମ୍ଭ ହୋଇଛି। ଶନିବାର ଅଙ୍କୁର ପୂଜନ ଓ ମଣ୍ଡଳକଟା ଯାଇଥିବାବେଳେ, ରବିବାର ହୋଇଛି ମଣ୍ଡଳ ସ୍ଥାପନ, ଯଜ୍ଞ ଅଧିବାସ, ଧ୍ୱଜା ସ୍ଥାପନ, ତୋରଣ ସ୍ଥାପନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଶୋତ୍ରିୟ ବ୍ରାହ୍ମଣ ଏହି ନୀତିକାନ୍ତି ସମାପନ କରିଛନ୍ତି।



ଲୋକାର୍ପଣ ଉତ୍ସବ ଦିନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବଡ଼ଦେଉଳର ଐଶାନ୍ୟ କୋଣରେ ଯଜ୍ଞ ଚାଲିଥିବାବେଳେ ଶ୍ରୀମନ୍ଦିରର ଚାରି ଦ୍ୱାରରେ କରାଯିବ ବେଦ ପାଠ ଓ ନାମ ସଂକୀର୍ତ୍ତନ। ୧୭ତାରିଖରେ ପ୍ରବଳ ଭିଡକୁ ଲକ୍ଷ୍ୟରେ ରଖି ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି।

ଆଲୋକମାଳାରେ ଶ୍ରୀମନ୍ଦିର ଝଲସୁଛି। ଶ୍ରୀକ୍ଷେତ୍ର ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇଛି । ସମଗ୍ର ପୁରୀର ପରିପାଟି ବଦଳିଛି। ଯୁଆଡେ ଚାହିଁବ ଆଖି ଲାଖି ଯାଉଛି । ପ୍ରତିଟି କାରୁକାର୍ଯ୍ୟରେ ଉତ୍କଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଝଲସୁଛି। ଜଗନ୍ନାଥଙ୍କ ଲୀଳା, ଭକ୍ତ-ଭଗବାନ ସମ୍ପର୍କ, ପୁରାଣ ଓ କିମ୍ବଦନ୍ତୀ କାହାଣୀର ଚିତ୍ରକୁ ଦେଖିବା ପାଇଁ, ଶ୍ରଦ୍ଧାଳୁମାନେ ଏବେ ପୁରୀ ମୁହାଁ ହୋଇଛନ୍ତି । କାଳିଆ ସାଆନ୍ତଙ୍କ ଡୋରି ଭକ୍ତଙ୍କୁ ଶ୍ରୀକ୍ଷେତ୍ରକୁ ହାତ ଠାରୁଛି। ଶ୍ରୀମନ୍ଦିରରେ ଗହଳି ବି ହୋଇଛି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଦିନକୁ ସରକାରୀ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୪।୧**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ଜାନୁଆରୀ ୧୭ ତାରିଖ ଦିନ ପୁରୀଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଭକ୍ତି ଓ ଉତ୍ସାହର ସହିତ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରକଳ୍ପ ହେବ ଓଡ଼ିଆ ଅସ୍ମିତାର ଅନନ୍ୟ ନିଦର୍ଶନ। ଜଗତର ନାଥ ଓ ଆରାଧ୍ୟ ଦେବତା ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନେ ଯେପରି ଆନନ୍ଦର ସହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରିପାରିବେ ତାହାକୁ ଦୃଷ୍ଟିରେ ରଖି *(ପୃଷ୍ଠା ୭ରେ)*

# ସକାଳୁ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଯଜ୍ଞ ଓ ଅନ୍ୟାନ୍ୟ ପ୍ରସ୍ତୁତି ଅନୁଧ୍ୟାନ କଲେ ୫-ଟି ଅଧ୍ୟକ୍ଷ



**ପୁରୀ, ୧୪।୧ : ନ୍ୟୁଜ୍ ବ୍ୟୁରୋ**

ସକାଳୁ ସକାଳୁ ଶ୍ରୀକ୍ଷେତ୍ର ପୁରୀରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ପ୍ରଥମେ ସେପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପରେ ଶ୍ରୀ ପାଣ୍ଡିଆନ୍ ପହଞ୍ଚିଥିଲେ ପରିକ୍ରମା ପ୍ରକଳ୍ପ ସ୍ଥଳରେ । ପ୍ରକଳ୍ପ ସ୍ଥଳ ବୁଲି ଦେଖିବା ସହ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ଯଜ୍ଞ ମଣ୍ଡପ ଓ ଅନ୍ୟାନ୍ୟ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ଏହି ସହ ଶ୍ରୀ ପାଣ୍ଡିଆନ୍ ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଶ୍ରୀ ମାର୍ଗ, ଶ୍ରୀ ଜଗନ୍ନାଥ ବିହାର, ଶ୍ରୀ ସେତୁ, *(ପୃଷ୍ଠା ୭ରେ)*

## ୧୭ ତାରିଖରୁ ରାଜ୍ୟରେ ବର୍ଷା ସମ୍ଭାବନା

**ନୂଆଦିଲ୍ଲୀ, ୧୪।୧**

ରାଜ୍ୟରେ ବଦଳିବ ପାଗ। ଆସନ୍ତା ୧୭ ତାରିଖରୁ ବର୍ଷା ସମ୍ଭାବନା ହେବାର ରହିଛି । ଉତ୍ତର ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ୧୭ ତାରିଖରେ ଝାରସୁଗୁଡା, କେନ୍ଦୁଝର, ମୟୁରଭଞ୍ଜ ଏବଂ ସୁନ୍ଦରଗଡରେ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୧୮ ତାରିଖରେ ଅଧିକାଂଶ ସ୍ଥାନରେ ପାଗ କୋହଲା ରହିବା ସହ ଝାରସୁଗୁଡା, ସମ୍ବଲପୁର, ବରଗଡ, ଦେବଗଡ, ଅନୁଗୁଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୁରଭଞ୍ଜ ଏବଂ ସୁନ୍ଦରଗଡରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆକଳନ କରାଯାଇଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ କିଛି ଅଞ୍ଚଳରେ ଶୀତ ଅନୁଭୂତ ହେବ। ୧୭ ତାରିଖ ବେଳକୁ ରାଜ୍ୟରେ ପଶ୍ଚିମା ଝଡ ସକ୍ରିୟ ହେବାର ସମ୍ଭାବନା ଥିବାରୁ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ସୀମା ସଂଯୋଗକୁ ଆହୁରି ସୁଦୃଢ଼ କରିବେ ନେପାଳ-ଭାରତ

**କାଠମାଣ୍ଡୁ/ନୂଆଦିଲ୍ଲୀ, ୧୪।୧**

ସୀମା ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ନେପାଳ ଏବଂ ଭାରତ ଦ୍ୱିପାକ୍ଷିକ ଚୁକ୍ତି କାର୍ଯ୍ୟକାରୀ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ଅନଧିକୃତ ବାଣିଜ୍ୟର ମୁକାବିଲା ପାଇଁ ବାଣିଜ୍ୟ, ଗମନାଗମନ ଏବଂ ସହଯୋଗ ଉପରେ ଭାରତ-ନେପାଳ ଆନ୍ତଃରାଜ୍ୟ ସବ କମିଟି (ଆଇଜିଏସ୍‌ସି) ଜାନୁଆରୀ ୧୨-୧୩ରେ କାଠମାଣ୍ଡୁରେ ଏହାର ସର୍ବଶେଷ ଅଧିବେଶନ ଡକାଇଥିଲା।

ଫାର୍ମାସ୍ୟୁଟିକାଲ୍ସ ଏବଂ ଆୟୁର୍ବେଦିକ ଉତ୍ପାଦଗୁଡ଼ିକ ପାଇଁ ପାରସ୍ପରିକ ବଜାର ପ୍ରବେଶ ଉପରେ ମଧ୍ୟ ଉଭୟ ପକ୍ଷ ଆଲୋଚନା କରିଛନ୍ତି । ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ (ଏଫଡିଆଇ)କୁ ଉତ୍ସାହିତ



କରିବା ପାଇଁ ପ୍ୟାରିସ କନଭେନସନ ଅନୁଯାୟୀ, ଆଇପିଆର ବ୍ୟବସ୍ଥାର ଆବଶ୍ୟକତା ଉପରେ ଭାରତୀୟ ପକ୍ଷ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି।

ଭାରତ ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟର ଯୁଗ୍ମ *(ପୃଷ୍ଠା ୭ରେ)*

# ମାର୍ଚ୍ଚ ୧୫ ସୁଦ୍ଧା ସୈନ୍ୟ ପ୍ରତ୍ୟାହାର କର, ଭାରତକୁ ମାଳଦ୍ୱୀପର ଅଲଟିମେଟମ

**ମାଲେ, ୧୪।୧**

ମାଳଦ୍ୱୀପ ଓ ଭାରତ ସମ୍ପର୍କରେ ଦେଖାଦେଇଥିବା ତିକ୍ତତା କ୍ରମାଗତ ଭାବେ ବୃଦ୍ଧି ପାଉଛି । ସେପଟେ ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ପୁଣି ଥରେ ଇଣ୍ଡିଆ ଆଉଟ ସ୍ଲୋଗାନ ଦେଇଛନ୍ତି।

ରିପୋର୍ଟ ଅନୁଯାୟୀ, ମହମ୍ମଦ ମୁଇଜ୍ଜୁ ମାଳଦ୍ୱୀପରୁ ଭାରତ ତାର ସୈନ୍ୟ ପ୍ରତ୍ୟାହାର କରିବାକୁ ଦାବି ଦୋହରାଇଛନ୍ତି । ଏହା ସହ ସେ ମାର୍ଚ୍ଚ ୧୫ରେ ଭାରତକୁ ଅଲଟିମେଟମ ଦେଇଛନ୍ତି। ଏହା ପୂର୍ବରୁ ମାଳଦ୍ୱୀପ ଦୁଇ ମାସ ତଳେ ଭାରତୀୟ ସୈନ୍ୟ ପ୍ରତ୍ୟାହାର ପାଇଁ ଦାବି କରିଥିଲା । ସରକାରୀ ତଥ୍ୟ ଅନୁଯାୟୀ ମାଳଦ୍ୱୀପରେ ୮୮ଜଣ ଭାରତୀୟ ସୈନ୍ୟ ରହିଛନ୍ତି। ମୁଖ୍ୟତଃ ମାଳଦ୍ୱୀପକୁ



ଭାରତ ପକ୍ଷରୁ ଦିଆଯାଇଥିବା ହେଲିକପ୍ଟର, ବିମାନ ଓ ବୋଟର ପରିଚାଳନା ପାଇଁ ସେମାନେ ଅଛନ୍ତି । ଏହି ପ୍ରସଙ୍ଗରେ ମାଳଦ୍ୱୀପ ବୈଦେଶିକ ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା । ସେଥିରେ ଭାରତର ଉଚ୍ଚାୟୁକ୍ତ *(ପୃଷ୍ଠା ୭ରେ)*

# ବିଗୁଡୁଛି ଏୟାର କ୍ୱାଲିଟି କେନ୍ଦ୍ର ନେଲା ବଡ଼ ନିଷ୍ପତ୍ତି

**ଶ୍ରୀନଗର, ୧୬।୧**

କଲବଲ କରୁଛି କୁହୁଡ଼ି। ଘନ କୁହୁଡି ଯୋଗୁ ଜିରୋ ଭିଜିବିଲିଟି ପରିସ୍ଥିତି ସୃଷ୍ଟି ହୋଇଛି। ତା'ସହ ପ୍ରଦୂଷଣ ମାତ୍ରା ମଧ୍ୟ ବଢିବାରେ ଲାଗିଛି । ବିଗିଡି ଯାଇଛି ଏୟାର କ୍ୱାଲିଟି। ଏହାକୁ ନେଇ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି।

ବାୟୁର ପ୍ରଦୂଷଣ ମାତ୍ରା ବଢୁଥିବା ବେଳେ ଦିଲ୍ଲୀ ଏନସିଆରରେ ବେଆଇନ ନିର୍ମାଣ କାମ ଉପରେ ବ୍ୟାନ ଲଗାଯାଇଛି। କେବଳ ସେତିକି ନୁହେଁ ବିଏସ୍-୩ ପେଟ୍ରୋଲ ଓ ବିଏସ୍-୪ ଡିଜେଲ ଚାରି ଚକିଆ ଯାନ ଚଳାଚଳ ଉପରେ ମଧ୍ୟ ପ୍ରତିବନ୍ଧକ



ଲଗାଇଛନ୍ତି। ସରକାର କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ, ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ରବିବାର ସକାଳେ ଅନେକ ଅଞ୍ଚଳରେ ଗୁରୁତର ବର୍ଗରେ ପହଞ୍ଚିଛି। ଆନନ୍ଦ ବିହାରରେ ୪୭୮, ବିମାନବନ୍ଦରରେ ୪୬୫, ଦିଲ୍ଲୀରେ ୪୫୫ ଥିବା *(ପୃଷ୍ଠା ୭ରେ)*

# ଲଦାଖ ସୀମାରେ ସ୍ଥିତି ସ୍ଥିର ଅଛି, କିନ୍ତୁ ସ୍ୱାଭାବିକ ନାହିଁ : ଭାରତୀୟ ସେନା

**ଶ୍ରୀନଗର, ୧୪।୧**

ଭାରତୀୟ ସେନାର ଜଣେ ଶୀର୍ଷ କମାଣ୍ଡର କହିଛନ୍ତି ଯେ ଉତ୍ତର ସୀମାରେ ସ୍ଥିତି ସ୍ଥିର ଅଛି, କିନ୍ତୁ ସ୍ୱାଭାବିକ ନାହିଁ। ଉତ୍ତର କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ, ମେ' ୨୦୨୦ରେ ପୂର୍ବ ଲଦାଖରେ ୭ଟି ବିବାଦୀୟ ପଏଣ୍ଟ ମଧ୍ୟରୁ ୫ଟିକୁ ଭାରତୀୟ ସେନା ଏବଂ ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ) ସମାଧାନ କରିଛନ୍ତି ଏବଂ ଅବଶିଷ୍ଟ ଦୁଇଟି ସ୍ଥାନ ପାଇଁ ଆଲୋଚନା ଜାରି ରହିଛି।

ପାକିସ୍ତାନକୁ ଲକ୍ଷ୍ୟ କରି ସେ ସେ କହିଛନ୍ତି, ଉତ୍ତର ସୀମାରେ ସ୍ଥିତି ସ୍ଥିର ଅଛି



କିନ୍ତୁ ସ୍ୱାଭାବିକ ନୁହେଁ କିମ୍ବା ମୁଁ କହିପାରିବି ଯେ ଏହା ସମ୍ବେଦନଶୀଳ। ପୁଞ୍ଚ-ରାଜୌରୀ ଅଞ୍ଚଳରେ ଲୋକଙ୍କ ଜୀବନରେ ସମୃଦ୍ଧି ଓ ଉନ୍ନତି ଘଟିଛି । ପୁଞ୍ଜିନିବେଶ ଆସୁଛି ଏବଂ ଲୋକମାନେ ଚାକିରି ପାଉଛନ୍ତି। କିନ୍ତୁ ଶାନ୍ତି ଓ ସମୃଦ୍ଧିର ଏହି ବାତାବରଣ ଆମ ପଡ଼ୋଶୀ ଦେଶକୁ ପସନ୍ଦ ଆସୁନାହିଁ । ସେଥିପାଇଁ ଏହି ଅଞ୍ଚଳରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି । କିନ୍ତୁ ଆମେ ଆତଙ୍କବାଦ ବିରୋଧୀ ଅଭିଯାନ ଆରମ୍ଭ କରିଛୁ।

ଆଗାମୀ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି । ଲେଫ୍ଟନାଣ୍ଟ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ଏହି ଅଞ୍ଚଳରେ ପୋଲିସ, ସେନା ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ।

# ଭାରତୀୟ ସଶସ୍ତ୍ର ବାହିନୀ ଦୁନିଆର ସର୍ବୋତ୍ତମ ଶକ୍ତି

**ନୂଆଦିଲ୍ଲୀ, ୧୪।୧**

ସାମଗ୍ରିକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମୟ ସହିତ ନିଜକୁ ପରିବର୍ତ୍ତନ କରିଛନ୍ତି ଭାରତୀୟ ସଶସ୍ତ୍ର ବାହିନୀ। ଅଷ୍ଟମ ସଶସ୍ତ୍ର ବାହିନୀର ପୂର୍ବତନ ସେବାୟତ ଦିବସ ଅବସରରେ ସମ୍ବୋଧିତ କରି ଏକଥା କହିଛନ୍ତି ବାୟୁସେନା ମୁଖ୍ୟ ମାର୍ଶଲ ଭି.ଆର ଚୌଧୁରୀ। ସେ କହିଛନ୍ତି ଯେ ପୂର୍ବତନ ସେନାବାହିନୀର ଉତ୍ସାହ, ନେତୃତ୍ୱ ଏବଂ ଦୂରଦୃଷ୍ଟି ଆଜିର ସଶସ୍ତ୍ର ବାହିନୀର ମୂଳଦୁଆ ପକାଇଛି।

ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ଥିବା ମାନେକ୍‌ସା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ନୌସେନା ମୁଖ୍ୟ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଯାତେରା ଗାଡି ଚାଲିଲା ପୁଣି
ସଭିଁଏ ଦେଖିବ ନାଟ
ଏକେରୁ ଆରେକ ନେତାଙ୍କର ବସେ
ନିଇତି ଏଇନା ହାଟ
ଯେତେକ କପଟ କୂଟ
ସବୁତକ ଗୋଳି ମିଶେଇକି
ଭରିବେ ନିଜର ପେଟ।

# ପୁଣି ବିଶ୍ୱରେ ଯୁଦ୍ଧ ଭୟ



**ୱାଶିଂଟନ, ୧୪।୧**

ରୁଷ୍-ୟୁକ୍ରେନ, ଇସ୍ରାଏଲ- ହମାସ ଯୁଦ୍ଧ ପରେ ଏବେ ପୁଣି ବିଶ୍ୱରେ ଯୁଦ୍ଧ ଭୟ ସୃଷ୍ଟି ହୋଇଛି। ଲୋହିତ ସାଗରରେ ବାରମ୍ବାର ଆକ୍ରମଣ ପରେ ଆମେରିକା ଏବଂ ବ୍ରିଟେନ ବଡ଼ ପଦକ୍ଷେପ ଗ୍ରହଣ କରି ମିଳିତ ଭାବେ ୟେମେନରେ ଏୟାର ଷ୍ଟ୍ରାଇକ କରିଛନ୍ତି। ହୁତି ବିଦ୍ରୋହୀଙ୍କ ନିୟନ୍ତ୍ରଣାଧୀନ ଅଞ୍ଚଳରେ ଏୟାରଷ୍ଟ୍ରାଇକ କରି ୧୬ଟି ସ୍ଥାନରେ ଥିବା ୬୦ ଲକ୍ଷ୍ୟସ୍ଥଳୀକୁ ଧ୍ୱଂସ କରିଦେଇଛନ୍ତି। ଏହି ଆକ୍ରମଣରେ ୟେମେନର ରାଜଧାନୀ ସନା ସହିତ ଧମାର ସଦା ସହର ଏବଂ ହୋଦେଇଦାହ ପ୍ରଦେଶରେ ଥିବା ବିଦ୍ରୋହୀଙ୍କ ଲଜିଷ୍ଟିକ ହବ୍, ଏୟାର ଡିଫେନ୍ସ ସିଷ୍ଟମ ଏବଂ ଅସ୍ତ୍ରଶସ୍ତ୍ର ଭଣ୍ଡାର ଆଦିକୁ ନିଶାଣ କରାଯାଇଥିଲା। ଏହି ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ବିଦ୍ରୋହୀଙ୍କ ଅସ୍ତ୍ରଶସ୍ତ୍ର, ବିମାନ ଆଦି ମଧ୍ୟ ଧ୍ୱଂସ ହୋଇଯାଇଛି। ଏହି ଆକ୍ରମଣରେ ଯୁଦ୍ଧ ଜାହାଜ, ବୁଡ଼ାଜାହାଜ, ଲଢୁଆ ବିମାନ ଏବଂ ଟୋମହକ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଥିଲା।

ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି। ଏହି ଆକ୍ରମଣ ଦ୍ୱାରା ୨୦୧୪ରୁ ଗୃହଯୁଦ୍ଧର ସାମ୍ନା କରୁଥିବା ୟେମେନ ପୁଣିଥରେ ଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଇଛି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏହି *(ପୃଷ୍ଠା ୭ରେ)*

# ଖସୁଛି ରାତି ତାପମାତ୍ରା ରାଜ୍ୟରେ ପୁଣି ବଢ଼ିଲା ଶୀତ

**ଭୁବନେଶ୍ୱର, ୧୪।୧**
**ନ୍ୟୁଜ୍ ବ୍ୟୁରୋ**

ରାତିରେ କମୁଛି ପାରଦ । କଲବଲ କରୁଛି ଶୀତ । ଅସହ୍ୟ ଜାଡରେ ଅସ୍ତବ୍ୟସ୍ତ ଜନଜୀବନ । ସ୍ୱାଭାବିକ ତାପମାତ୍ରା ଠାରୁ ରାତିରେ ଦୁଇରୁ ତିନି ଡିଗ୍ରୀ କମୁଛି ପାରା। ଫଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳରେ ତୁଷାର ପାତ ଲାଗି ରହିଥିବା ନେଇ ଖବର ଆସିଛି।

ଶିମିଳିପାଳ ଅଞ୍ଚଳର ଉପର ବାରାହାକାମୁଡ଼ାରେ ସୋମବାର ସର୍ବନିମ୍ନ ତାପମାତ୍ରା ୨ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ଚହଳ ଅଞ୍ଚଳରେ ସର୍ବନିମ୍ନ



ତାପମାତ୍ରା ୪ ଡିଗ୍ରୀ ରହିଛି । ଉପକୂଳ ଓଡ଼ିଶାର ଅଧିକାଂଶ ସହରର ସର୍ବନିମ୍ନ ତାପମାତ୍ରା ପୁଣି ଥରେ ୧୫ ଡିଗ୍ରୀ ଭିତରେ ରହିଥିବା ଅନୁମାନ କରାଯାଉଛି । ସେହିଭଳି ଦକ୍ଷିଣ ଓ *(ପୃଷ୍ଠା ୭ରେ)*

29 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୫ ଜାନୁଆରୀ ୨୦୨୪ ସୋମବାର









# ତୁଳସୀ ତୁଳସୀ ବାସେ

**ଶ୍ରୀ**ଜଗନ୍ନାଥଙ୍କ ଅତିପ୍ରିୟ ହେଉଛି ତୁଳସୀ । ତୁଳସୀ ଗଛକୁ ବିଷ୍ଣୁଙ୍କର ପ୍ରିୟତମା ବୃନ୍ଦାବତୀ ସ୍ୱରୂପା ରୂପରେ ମାନ୍ୟତା ଦିଆଯାଇଛି । ଆଧ୍ୟାତ୍ମିକ ଜଗତରେ ତୁଳସୀର ଯେତିକି ଗୁରୁତ୍ୱ ରହିଛି, ଚିକିତ୍ସା ଶାସ୍ତ୍ରରେ ମଧ୍ୟ ତୁଳସୀ ପତ୍ରର ଅମୃତସମ ଗୁଣ ବିଷୟରେ ବର୍ଣ୍ଣନା ରହିଛି । ତୁଳସୀ ପତ୍ରରେ ଅମ୍ଳଜାନ ପରିମାଣ ଅଧିକ ଥିବାରୁ ଏହା ଖୁବ୍ ସ୍ୱାସ୍ଥ୍ୟପ୍ରଦ ଓ ଉପକାରୀ । ବିଭିନ୍ନ ରୋଗର ଉପଶମ କ୍ଷମତା ବିଶିଷ୍ଟ ଏହି ତୁଳସୀକୁ ମହୌଷଧି କୁହାଯାଏ । ବିଷ୍ଣୁଙ୍କ ପ୍ରିୟ ହୋଇଥିବାରୁ ତୁଳସୀ ହେଉଛି ବିଷ୍ଣୁପ୍ରିୟା । ତୁଳସୀ କାଠରେ ମଧ୍ୟ ଅନେକ ଔଷଧୀୟ ଗୁଣ ରହିଛି । ତୁଳସୀ ମାଳ ହୃଦରୋଗ ତଥା ଶ୍ୱାସନଳୀଜନିତ ରୋଗ ପାଇଁ ଅବ୍ୟର୍ଥ ଔଷଧ ଭାବରେ ବିବେଚିତ ହୁଏ । ତୁଳସୀମାଳ ଧାରଣ କରିଥିବା ବ୍ୟକ୍ତି ପାଇଁ ଏହା ସର୍ବଦା ଆକ୍ୟୁପ୍ରେସର୍ ଭଳି କାମ କରିଥାଏ । ବିଶ୍ୱାସ ରହିଛି ଯେ ମନୁଷ୍ୟ ନିଜ ଶେଷ ଶଯ୍ୟାରେ ତୁଳସୀ ଜଳ ସେବନ କଲେ ଜୀବଦ୍ଦଶାରେ ଅର୍ଜିଥିବା ସମସ୍ତ ପାପରାଶି କ୍ଷୟ ହୁଏ ଓ ସ୍ୱର୍ଗ ଲାଭ ହୋଇଥାଏ।

ତୁଳସୀ ବିନା ଜଗନ୍ନାଥଙ୍କ କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ ହୁଏ ନାହିଁ । ସ୍ୱୟଂ ପ୍ରଭୁ ଜଗନ୍ନାଥ ତୁଳସୀଙ୍କୁ ମସ୍ତକ, ହୃଦୟରେ ଧାରଣ କରିଥାନ୍ତି। ତୁଳସୀ ପତ୍ର ବିନା ମହାପ୍ରଭୁଙ୍କ ମହାପ୍ରସାଦ ଲାଗି ହେଇପାରେ ନାହିଁ । ଶ୍ରୀମନ୍ଦିରର ପ୍ରତିଟି ନୀତିକାନ୍ତିରେ ତୁଳସୀର ବ୍ୟବହାର ହୋଇଥାଏ । ଫୁଲ ମାଳ ସହିତ ତୁଳସୀ ମାଳ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗଳାରେ ଓ ହସ୍ତରେ ଶୋଭା ପାଇଥାଏ ।

ଏହି ସମସ୍ତ ବିଷୟକୁ ଧ୍ୟାନରେ ରଖାଯାଇ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ତୁଳସୀକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯାଇଛି। ପରିକ୍ରମା ପ୍ରକଳ୍ପରେ ବିଭିନ୍ନ ସ୍ଥାନରେ ପ୍ରଭୁଙ୍କ ଅତିପ୍ରିୟ ତୁଳସୀ ଗଛ ରୋପଣ କରାଯାଇଛି । ତୁଳସୀର ସୁଗନ୍ଧ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାର୍ଗର ପରିବେଶରେ ଭରିଦେଇଛି ଦିବ୍ୟତା ଓ ଆଧ୍ୟାତ୍ମିକତାର ଦୋସର ଉପଲବ୍ଧି।



## ମହାପ୍ରଭୁଙ୍କ ସେବାରେ ଫୁଲ ଓ ତୁଳସୀ

**ଫୁ**ଲ ସଂସାରରେ ଏକ ଅନନ୍ୟ ଉପହାର । ଏହାର ସୌନ୍ଦର୍ଯ୍ୟ ରହିଛି, ତା ସାଙ୍ଗକୁ ସୁଗନ୍ଧ। ଫୁଲ କାହା ସାଙ୍ଗରେ ପ୍ରତିଯୋଗିତା କରେନା । ନିରହଙ୍କାର ଫୁଲ କେବଳ ସମର୍ପଣ ଓ ସୁବାସ ଦାନରେ ବିଶ୍ୱାସ କରେ । ଈଶ୍ୱରଙ୍କ ଆରାଧନାରେ ଲାଗିଲେ ହିଁ ସାର୍ଥକତା ପ୍ରତିପାଦିତ ହୋଇଥାଏ । ଅନେକ ଫୁଲ ଈଶ୍ୱରଙ୍କ ସେବାରେ ଲାଗିବାର ଅପୂର୍ବ ସୌଭାଗ୍ୟ ପ୍ରାପ୍ତ ହୋଇଥାନ୍ତି ତ' ଆଉ କେତେକ ଦେବମନ୍ଦିରର ଚତୁଃପାର୍ଶ୍ୱରେ ଥାଇ ପରିବେଶକୁ ବିମଣ୍ଡିତ କରିଥାନ୍ତି । କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଫୁଲ ଶୃଙ୍ଗାରକୁ ଖୁବ ଭଲ ପାଆନ୍ତି । ଫୁଲର ସୁନ୍ଦରତା ଓ ସୁଗନ୍ଧ ସତେ ଯେପରି ସେହି କାଳିଆ ସାଆନ୍ତଙ୍କ ପରମ ଆଶୀର୍ବାଦ ! ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବିଶେଷ ଭାବରେ ଫୁଲ ସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି । ମନ୍ଦିର ପରିକ୍ରମା ସମୟରେ ଭକ୍ତମାନଙ୍କୁ ଏକ ସୌନ୍ଦର୍ଯ୍ୟଭରା ପ୍ରାକୃତିକ ପରିବେଶ ସହିତ ଆଧ୍ୟାତ୍ମିକ ଅନୁଭବର ସ୍ୱାଦ ଦେବା ପାଇଁ ଆମ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଦେଇଛନ୍ତି । ୫-ଟି ଅଧ୍ୟକ୍ଷ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିକ୍ରମା ମାର୍ଗକୁ ଭକ୍ତଙ୍କ ପାଇଁ ଯଥାସମ୍ଭବ ସୁରମ୍ୟ ଓ ଆକର୍ଷଣୀୟ କରିବା ପାଇଁ ଭରପୂର ପ୍ରୟନ୍ କରାଯାଇଛି। ଶ୍ରୀଜୀଉମାନଙ୍କ ଦୈନନ୍ଦିନ ଭୋଗ ପୂଜାରେ ଟରାଟ ଓ ଗେଣ୍ଡୁ ଫୁଲ ବ୍ୟବହାର ହୋଇଥାଏ । ସ୍ନାନ ଯାତ୍ରାରେ ମଲ୍ଲୀ, ଯୁଇ, ମରୁଆ, ଦୟଣା ଓ ଟରାଟ ଫୁଲ ଲାଗି ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଅର୍ପିତ ମାଳରେ ଚମ୍ପା, ପଦ୍ମ, ଗେଣ୍ଡୁ, ସେବତୀ, ଟଗର, ତୁଳସୀ, ଦୟଣା, ମରୁଆ, ହେନା, ଜୁଇ, ମାଳତୀ ଓ ମଲ୍ଲୀ ଆଦି ଫୁଲ ବ୍ୟବହାର ହୋଇଥାଏ। ବଡ଼ସିଂହାର ବେଶରେ କାଳିଆ ସାଆନ୍ତ ଗୋଲାପର ହୃଦ-ପଦକ ଧାରଣ କରିଥାନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଫୁଲକୁ ଗୁରୁତ୍ୱ ଦିଆଯାଇଛି । ନାନାଦି ପୁଷ୍ପଚାରା ପରିକ୍ରମା ପ୍ରକଳ୍ପରେ ସ୍ଥାନିତ ହୋଇଛନ୍ତି । ପରିବେଶର ଶୋଭାବର୍ଦ୍ଧନ କରିବା ଓ ମହାପ୍ରଭୁଙ୍କ ମନ୍ଦିର ଚତୁଃପାର୍ଶ୍ୱକୁ ପ୍ରାକୃତିକ ଭାବେ ସୁଗନ୍ଧିତ ରଖିବା ପାଇଁ ଅନ୍ୟାନ୍ୟ ବିଭିନ୍ନ କିସମର ପ୍ରାୟ ପଚାଶ ହଜାର ଫୁଲ ଗଛ ରୋପଣ କରାଯାଇଛି । ଏଠାରେ ଅଶୋକ, କାଦମ୍ବ, ମିଛିଲା ଚମ୍ପା, ଚାନ୍ଦିନୀ, କଞ୍ଚନର, ଆଲଷ୍ଟୋନିଆ ସ୍କଲାରିସ୍, ସିମମ୍, ମଲସରି, ଗଲଫିମିଆ ଗଲୁଛ ଆଦି ବିଭିନ୍ନ ଫୁଲ ଗଛ ଲଗାଯାଇଛି । ସ୍ୱତନ୍ତ୍ର ଭାବରେ ପ୍ରଶିକ୍ଷିତ ବ୍ୟକ୍ତିମାନେ ପରିକ୍ରମା ପ୍ରକଳ୍ପରେ ଲାଗିଥିବା ଏହିସବୁ ଗଛର ଯତ୍ନ ନେଉଛନ୍ତି ।

**ଜଣେ ଭକ୍ତଙ୍କ ଅନନ୍ୟ ପୁଷ୍ପସେବା : ଜଗନ୍ନାଥଙ୍କ ମସ୍ତକର ଶୋଭା 'ଭକ୍ତିଗଭା'**

କୋଟି ବ୍ରହ୍ମାଣ୍ଡର ନାୟକ ପ୍ରଭୁ ଜଗନ୍ନାଥ ଭାବରେ ବନ୍ଧା । ଭକ୍ତ ଓ ଭଗବାନଙ୍କ ସମ୍ପର୍କ ସର୍ବଦା ସ୍ୱତନ୍ତ୍ର। ଅନେକ କିମ୍ବଦନ୍ତୀ ଓ ପ୍ରବାଦରେ ଏହି ଭକ୍ତ-ଭଗବାନ ସମ୍ପର୍କର ବିଭିନ୍ନ ଆଖ୍ୟାନ ଆମ୍ଭମାନଙ୍କୁ ଆଶ୍ଚର୍ଯ୍ୟଚକିତ କରିଥାଏ । ସେହିପରି ଜଣେ ଭକ୍ତ ହେଉଛନ୍ତି ଶ୍ରୀମତୀ ପ୍ରଣତୀ ପ୍ରଧାନ। ୧୯୯୫ ମସିହାରୁ ଆଜି ପର୍ଯ୍ୟନ୍ତ ସେ ଦୀର୍ଘ ୨୯ ବର୍ଷ ହେବ ତାଙ୍କ ହାତ ତିଆରି ପୁଷ୍ପଗଭାରେ ବଡ଼ଠାକୁରଙ୍କ ଶୃଙ୍ଗାର ହେଉଛି । ଖରା-ବର୍ଷା-ଶୀତ, ବନ୍ୟା-ବାତ୍ୟା-ମହାମାରୀ କିଛି ବି ତାଙ୍କୁ ଜଗନ୍ନାଥଙ୍କ ପାଖକୁ ଗଭା ପଠାଇବାରୁ ଅଟକାଇ ପାରିନାହିଁ । ପ୍ରଣତୀଙ୍କ ମତରେ ସତେ ଯେମିତି ସ୍ୱୟଂ ମହାପ୍ରଭୁ ଜଗନ୍ନାଥ ତାଙ୍କ ହାତତିଆରି ଫୁଲଗଭାକୁ ଅପେକ୍ଷାକରି ରହିଥାନ୍ତି। ପ୍ରତିଦିନ ପ୍ରଣତୀଙ୍କ ହାତ ତିଆରି ଗଭାକୁ ମସ୍ତକରେ ଧାରଣ କରିଆସୁଛନ୍ତି ମହାପ୍ରଭୁ ଜଗନ୍ନାଥ । ପ୍ରଣତୀ କୁହନ୍ତି ଯେ ଅନେକ ଥର ତାଙ୍କୁ ଭକ୍ତଙ୍କ ଭିଡ଼ ଓ ପ୍ରତିକୂଳ ପରିସ୍ଥିତିର ପରୀକ୍ଷା ଦେବାକୁ ପଡ଼ିଛି। କିନ୍ତୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେପରେ ତାଙ୍କର ସବୁ ପ୍ରତିବନ୍ଧକ ହଟିଯିବ । ୧୯୯୫ରେ ସୁଦୁର ବାଲେଶ୍ୱରରୁ ତୀର୍ଥଯାତ୍ରୀମାନଙ୍କ ସହ ପ୍ରଥମକରି ଶ୍ରୀମନ୍ଦିରକୁ ଆସି ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ଦର୍ଶନ କରିଥିଲେ ପ୍ରଣତୀ । ସେତେବେଳକୁ ତାଙ୍କ ବୟସ ୨୪। ପ୍ରଥମ ଦର୍ଶନରେ ହିଁ ପ୍ରଭୁଙ୍କ ଚକାନୟନର ସମ୍ମୋହନୀ ଶକ୍ତିରେ ସେ ବାନ୍ଧି ହୋଇପଡ଼ିଥିଲେ । ଏଇଠୁ ଘରକୁ ଫେରିଗଲେ ସିନା ସଂସାରର ଆଉ କୌଣସି ସ୍ଥାନରେ ତାଙ୍କର ମନ ଲାଗିଲା ନାହିଁ। ସତେ ଯେମିତି ତାଙ୍କ ଆତ୍ମା ରହିଗଲା ପୁରୀଧାମରେ ଓ କେବଳ ମାୟାଶରୀର ଫେରିଥିଲା ଘରକୁ । ସେଇଠି ରହିବା ତାଙ୍କ ପାଇଁ ଦୁର୍ବିସହ ହୋଇ ପଡ଼ିଥିଲା । ଭକ୍ତିପାଗଳିନୀ ହୋଇ ସେ ଟାଣି ହୋଇ ଆସିଥିଲେ ଶ୍ରୀକ୍ଷେତ୍ର। ଆଉ ଅବଶିଷ୍ଟ ଜୀବନ ପାଇଁ ସେ ହେଲେ ପୁରୀର ବାସିନ୍ଦା । ସୁନ୍ଦରରୁ ସୁନ୍ଦରତମ ଫୁଲସବୁ ଏକାଠି କରି ଗଭା ତିଆରି କରିବା ହେଉଛି ଏବେ ତାଙ୍କର ନିତ୍ୟସାଧନା। ଏଥିପାଇଁ ପ୍ରତିଦିନ ଗୋଟିଏ ପରେ ଗୋଟିଏ ସୁନ୍ଦର ଫୁଲ ସଂଗ୍ରହ କରନ୍ତି ପ୍ରଣତୀ। ସାଂସାରିକ ଜୀବନର ପ୍ରତିଟି ସମ୍ପର୍କକୁ ସମ୍ମାନ କରନ୍ତି ପ୍ରଣତୀ । ପ୍ରତିଟି ଦାୟିତ୍ୱକୁ ମଧ୍ୟ ଅତ୍ୟନ୍ତ ମର୍ଯ୍ୟାଦାର ସହ ପାଳନ କରନ୍ତି । କିନ୍ତୁ ନିଜ ଜୀବନର ଉତ୍ସ ଓ ଲକ୍ଷ୍ୟ ଭାବରେ ସେ ମହାପ୍ରଭୁ ଜଗନ୍ନାଥଙ୍କୁ ହିଁ ଗ୍ରହଣ କରିନେଇଛନ୍ତି। ସତେ ଯେପରି ମହାପ୍ରଭୁଙ୍କ ବିନା ତାଙ୍କର ଅସ୍ତିତ୍ୱ ନାହିଁ। ମହାପ୍ରଭୁ ଜଗନ୍ନାଥଙ୍କ ମସ୍ତକରେ ପହଞ୍ଚି ପାରୁଥିବା ସେହି ଫୁଲଗଭା ହିଁ ପ୍ରଣତୀଙ୍କ ସଭା ।

# ପୁରୀର ନବକଳେବରରେ ଭାଗୀଦାରି ହେବ କୋଣାର୍କ




**ପୁ**ରୀକୁ ବିଶ୍ୱ ଐତିହ୍ୟ ନଗରୀର ମାନ୍ୟତା ମିଳିବ। ଶ୍ରୀମନ୍ଦିର ଚୌହଦୀ ରୂପାନ୍ତରଣର ଗାଥା ଗାଇବ। ପ୍ରତ୍ୟେକ ଭକ୍ତ ଶ୍ରଦ୍ଧାଳୁ ପୁରୀକୁ ଆସି ମନ୍ତ୍ରମୁଗ୍ଧ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ରୂପାନ୍ତରଣର ରୂପକାର ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପୁରୀକୁ ନେଇ ଆଙ୍କିଛନ୍ତି ବିକାଶର ଗୋଲାପୀ ଚିତ୍ର। ଆଉ ଏହି ଚିତ୍ରରେ ଅର୍କକ୍ଷେତ୍ର ବା ବାଦ୍ ପଡ଼ନ୍ତା କିପରି। ପୁରୀ ବିକାଶ କାର୍ଯ୍ୟକ୍ରମର ଅଂଶ ଭାବରେ କୋଣାର୍କ ଐତିହ୍ୟ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କାର୍ଯ୍ୟ ଜାରି ରଖିଛନ୍ତି। କୋଣାର୍କ ମନ୍ଦିରର ସୁରକ୍ଷା ସହ ଏହାର ସଂରକ୍ଷଣ ତଥା ଅଧିକ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଇପାରିବ, ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର '୫-ଟି' କାର୍ଯ୍ୟକ୍ରମ ଜରିଆରେ କୋଣାର୍କ ଐତିହ୍ୟ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ସୂର୍ଯ୍ୟ ମନ୍ଦିର ଗରିମାର ସୁରକ୍ଷା, ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟାନ୍ୟ ଅନୁଭୂତି, ସ୍ଥାନୀୟ ବ୍ୟବସାୟୀମାନଙ୍କ ଆର୍ଥିକ ଉନ୍ନତି ତଥା କୋଣାର୍କ ସହ ପୁରୀ ଜିଲ୍ଲା ଓ ସମଗ୍ର ରାଜ୍ୟର ପର୍ଯ୍ୟଟନ ଅର୍ଥନୀତିର ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏହାସହ କୋଣାର୍କ ମନ୍ଦିରର ପାରିପାର୍ଶ୍ୱିକ ଅଞ୍ଚଳ ଭିତ୍ତିଭୂମି ବିକାଶକୁ ଏହି ପ୍ରାଚୀନ ଐତିହ୍ୟ ସହ ସମନ୍ୱିତ କରିବା ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି। ଏଥିରେ ମୁଖ୍ୟତଃ କୋଣାର୍କକୁ ଆସୁଥିବା ଯାତ୍ରୀଙ୍କ ସୁବିଧାକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ସାଢ଼େ ୩ କିଲୋମିଟର ବାହ୍ୟ ରିଂରୋଡ୍‌କୁ ୬ ଥାକିଆ ନିର୍ମାଣ କରାଯିବାକୁ ୨୦୨୧ ମସିହାରେ ରାଜ୍ୟ ସରକାର ନିଜ ପ୍ରକଳ୍ପରେ ଘୋଷଣା କରିଥିଲେ। ଏହାର କାର୍ଯ୍ୟ ବର୍ତ୍ତମାନ ଦ୍ରୁତଗତିରେ ଜାରି ରହିଛି। ଏହି କାର୍ଯ୍ୟ ସମ୍ପନ୍ନ ହେଲେ, କୋଣାର୍କ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟାରେ ଏକ ବଡ଼ ପରିବର୍ତ୍ତନ ଆସିବ। ଚନ୍ଦ୍ରଭାଗାରୁ କୋଣାର୍କ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ମଧ୍ୟ ୬ ଥାକିଆରେ ପରିଣତ କରାଯାଇଛି। ଏହାବ୍ୟତୀତ ମନ୍ଦିରକୁ ଯାଇଥିବା ସମସ୍ତ ରାସ୍ତାର ବିକାଶ କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ସେହିପରି ଯାତ୍ରୀମାନଙ୍କୁ ନେବା ଆଣିବା ପାଇଁ ଭୁବନେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ବିଭିନ୍ନ ପଏଣ୍ଟର ବିକାଶ ଉପରେ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କୋଣାର୍କ ରାସ୍ତାକୁ ଫେରିବାଲାଙ୍କ କବ୍‌ଜାରୁ ମୁକ୍ତ କରି ରାଜ୍ୟ ସରକାର ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପାଇଁ ଏକ ବଡ଼ ଉପଲବ୍ଧି ଆଣିଛନ୍ତି। ପୂର୍ବରୁ କୋଣାର୍କ ମୁଖ୍ୟ ଫାଟକରୁ ରାସ୍ତା ପର୍ଯ୍ୟନ୍ତ ଫେରିବାଲାଙ୍କ କବ୍‌ଜାରେ ରହିଥିଲା। ଫଳରେ ପର୍ଯ୍ୟଟକମାନେ ମନ୍ଦିର ପର୍ଯ୍ୟନ୍ତ ଯିବାକୁ ମଧ୍ୟ ରାସ୍ତା ପାଉ ନଥିଲେ। ରାଜ୍ୟ ସରକାର ଏହି ବ୍ୟବସାୟୀମାନଙ୍କୁ ରାସ୍ତାର ଉଭୟପାର୍ଶ୍ୱରୁ ସ୍ଥାନାନ୍ତର କରିଛନ୍ତି ଓ ସେମାନଙ୍କୁ ଅନ୍ୟତ୍ର ପୁନଃଥଇଥାନ କରିବା ପାଇଁ ଯୋଜନା କରିଛନ୍ତି। ସେହିପରି ମନ୍ଦିର ସମ୍ମୁଖରେ ଥିବା ୩୦ ଏକର ଜମି ସମ୍ପୂର୍ଣ୍ଣ ଖୋଲା ରଖି ଏଠାରେ ଲ୍ୟାଣ୍ଡସ୍କେପିଂ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରବେଶ ସ୍ଥଳରେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପାଇଁ ଏକ ସୁଦୃଶ୍ୟ କୋଣାର୍କ ଏଣ୍ଟ୍ରି ପ୍ଲାଜା ନିର୍ମାଣ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଏଥିସହ ଯାନବାହନ ପାର୍କିଂ ପାଇଁ କୋଣାର୍କ ମେଡିକାଲ୍ ପଛ ପଟେ ଏକ ମଲ୍ଟିମୋଡାଲ ହବ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇ ସାରିଥିବାରୁ ଖୁବ୍‌ଶୀଘ୍ର ଏହା ଶେଷ ହେବ ବୋଲି ଯୋଜନା ରହିଛି। କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚର ପୁନର୍ବିନ୍ୟାସ କରାଯିବା ସହ ଐତିହ୍ୟ ଅଞ୍ଚଳର ସୌନ୍ଦର୍ଯ୍ୟୀକରଣ କରି ପଥଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୋଣାର୍କକୁ ପ୍ରତିଦିନ ବିଶ୍ୱର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଆସିଥାଆନ୍ତି। ତେଣୁ କୋଣାର୍କ ଅଞ୍ଚଳର ଭିତ୍ତିଭୂମି ବିକାଶକୁ ଅନ୍ତର୍ଜାତୀୟ ମାନର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଳିଙ୍ଗ ସ୍ଥାପତ୍ୟ କଳାର ଅପୂର୍ବ ନିଦର୍ଶନ ଭାବେ କୋଣାର୍କ ମନ୍ଦିର ଛିଡ଼ା ହୋଇଛି। ଗଙ୍ଗବଂଶର ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ତ୍ରୟୋଦଶ ଶତାବ୍ଦୀର ଏହି ଅନୁପମ କୀର୍ତ୍ତି ତା'ର ଅବିଶ୍ୱସନୀୟ କଳା ଓ ଭାସ୍କର୍ଯ୍ୟ ପାଇଁ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି। ଭଗବାନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ମନ୍ଦିର ଓଡ଼ିଶାର କାରିଗର ଓ ଶିଳ୍ପୀମାନଙ୍କ ଦକ୍ଷତାର ଜୟଗାନ କରି ଆସୁଛି। ୧୯୮୪ରେ ୟୁନେସ୍କୋ ପକ୍ଷରୁ କୋଣାର୍କକୁ ଐତିହ୍ୟର ମାନ୍ୟତା ପ୍ରଦାନ କରାଯାଇଛି। ଏହି ମହାନ୍ ସାଂସ୍କୃତିକ ବୈଭବର ସୁରକ୍ଷା ସମସ୍ତଙ୍କର ନୈତିକ ଦାୟିତ୍ୱ। କୋଣାର୍କ ଯୋଜନାରେ ସ୍ଥାନୀୟ ଲୋକଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ ସହ ଐତିହ୍ୟ ସଂରକ୍ଷଣ ଓ ବିକାଶରେ ବିଶ୍ୱସ୍ତରୀୟ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ହୋଇଛି। ପୁରୀକୁ ଆସୁଥିବା ଅଧିକାଂଶ ପର୍ଯ୍ୟଟକ ଚନ୍ଦ୍ରଭାଗା ବେଳାଭୂମି ସହ କୋଣାର୍କ ମନ୍ଦିର ପରିଦର୍ଶନ କରିଥାନ୍ତି। ଏଥିପାଇଁ ପୁରୀ, କୋଣାର୍କ ଓ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଆଦିକୁ ସ୍ୱର୍ଣ୍ଣ ତ୍ରିଭୁଜ ବୋଲି କୁହାଯାଇଥାଏ।



# ୬୨ ରଥ ଭୋଇ ସେବକଙ୍କୁ ଜଗନ୍ନାଥ ବଲ୍ଲଭରେ ଥଇଥାନ

**ଶ୍ରୀ**କ୍ଷେତ୍ର। ଦୀର୍ଘ ବର୍ଷ ପରେ ଆଖିଝଲସା ବିକାଶ ଦେଖୁଛି ପୁରୀ ସହର। ସରକାରଙ୍କ ବିକାଶୋନ୍ମୁଖୀ ପରିକଳ୍ପନାରେ ହାତ ମିଳାଇଛନ୍ତି ସହରବାସୀ। ଅନେକ ନିଜର ଜମି ଦେଇଛନ୍ତି। ଦୀର୍ଘ ବର୍ଷର ଭିଟାମାଟିକୁ ଛାଡ଼ିଛନ୍ତି। କିନ୍ତୁ ଭକ୍ତ ଓ ମହାପ୍ରଭୁଙ୍କ ମଧ୍ୟରେ ସେତୁ ସାଜିବା ପାଇଁ ଭକ୍ତିପୂତ ଭାବେ ଜମି ସମର୍ପି ଦେଇଛନ୍ତି। ସରକାର ମଧ୍ୟ ବିସ୍ଥାପିତଙ୍କୁ ନିରାଶ କରିନାହାନ୍ତି। ଘର କରିବାକୁ ଜମି, ଘର ଖର୍ଚ୍ଚ କରିଥିବା କ୍ଷତିପୂରଣ ଏବଂ ଘର ନିର୍ମାଣ ପାଇଁ ମୁଣ୍ଡ ପିଛା (ସାବାଳକଙ୍କ ଉଦ୍ଦେଶ୍ୟରେ) ନିର୍ଦ୍ଦିଷ୍ଟ ଅର୍ଥରାଶି ପ୍ରଦାନ କରିଛନ୍ତି। ଫଳସ୍ୱରୂପ ସରକାରଙ୍କ ଦ୍ୱାରା ବହୁପ୍ରତୀକ୍ଷିତ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ସ୍ୱପ୍ନ ସାକାର ହୋଇଛି। ଏହି କ୍ରମରେ ୬୨ଜଣ ରଥ ଭୋଇ ସେବକଙ୍କୁ ଜଗନ୍ନାଥ ବଲ୍ଲଭ ପରିସରରେ ଥଇଥାନ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ହେଉ ଅବା ଶ୍ରୀଦାଣ୍ଡ; ବିକାଶ କାର୍ଯ୍ୟ ପାଇଁ ବହୁ ସେବାୟତ ଓ ପିଢ଼ିପିଢ଼ି ଧରି ରହି ଆସୁଥିବା ବାସିନ୍ଦା ଜମି ହରାଇଛନ୍ତି। ସେହିଭଳି ଜଗନ୍ନାଥ ବଲ୍ଲଭ ପାର୍କିଂ ପାଇଁ ମଧ୍ୟ କିଛି ରଥ ଭୋଇ ସେବକମାନେ ରହୁଥିବା ଜମି ହରାଇଛନ୍ତି। ଜଗନ୍ନାଥ ବଲ୍ଲଭ ପାର୍କିଂ ଓ ଶ୍ରୀସେତୁ ପାଇଁ ପୁରୀର ୪ଟି ମୌଜାର ମୋଟ ୩୭ ଏକର ୯୮୪ ଡିସିମିଲ ଜମି ଅଧିଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪ଏକର ସରକାରୀ ଜମି ହୋଇଥିବା ବେଳେ ପ୍ରାୟ ୩୪ଏକର ଘରୋଇ ଜମି ଅଧିଗ୍ରହଣ ହୋଇଥିଲା। ଏଥିରେ ୬୨ ରଥ ଭୋଇ ସେବକଙ୍କୁ ଜମି ହରାଇବାକୁ ପଡ଼ିଥିଲା। ସରକାର କେବଳ ବିସ୍ଥାପିତ କଲେ ନାହିଁ, ବରଂ ସେମାନଙ୍କୁ ସେଇ ଜଗନ୍ନାଥ ବଲ୍ଲଭର ପଛ ପାର୍ଶ୍ୱରେ ଜମି ସହ ମୁଣ୍ଡ ପିଛା ଅର୍ଥରାଶି ମଧ୍ୟ ସହାୟତା ଯୋଗାଇଦେଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଦୂରପ୍ରସାରୀ ଭିଜନ୍‌କୁ ସାକାର କରିବା ପାଇଁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପରାମର୍ଶରେ ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ରଥ ଭୋଇ ସେବକଙ୍କ ସେବା

**ଶ୍ରୀ**ମନ୍ଦିର ସ୍ୱତ୍ୱଲିପିର ୯୭ ନମ୍ବର ସେବାରେ ଭୋଇମାନଙ୍କ ସେବାରେ ରଥ ଭୋଇମାନଙ୍କ ବିବରଣୀ ଉଲ୍ଲେଖ ରହିଛି। ରଥ ଭୋଇମାନେ ଶୁଦ୍ର ସେବକ ହେଲେ। ତେବେ ଅକ୍ଷୟ ତୃତୀୟାରେ ଏହି ସେବକମାନେ ଶାଢ଼ି ବନ୍ଧାଇଥାଆନ୍ତି। ପ୍ରତି ରଥ ପାଇଁ ଦୁଇଜଣ ଲେଖାଏଁ ରଥ ଭୋଇ ମୁଖ୍ୟ ରୂପେ ଶାଢ଼ି ବନ୍ଧାଇଥାନ୍ତି। ରଥ ଭୋଇମାନେ ରଥଖଳାରେ କାଠ ବୁହାବୋହିଠୁ ଆରମ୍ଭ କରି କଣ୍ଟା ବାଡ଼େଇବା, କାଠ ଖଞ୍ଜାଖଞ୍ଜି କାମ କରିଥାଆନ୍ତି। ଏହାବ୍ୟତୀତ ଛାମୁଡିଆ ନିର୍ମାଣ, ରଥ ଟଣା ବେଳେ ରଥର ବ୍ରେକ ଓ ଦଉଡ଼ି ଧରିବା, ନରେନ୍ଦ୍ର ପୁଷ୍କରିଣୀରେ ବୁଡ଼ାଇ ରଖାଯାଇଥିବା ଚାପ ଡଙ୍ଗା ନନ୍ଦା ଓ ଭଦ୍ରାଙ୍କୁ ବାହାର କରିବା, ଦୋଳପୂର୍ଣ୍ଣମୀରେ ଦୋଳବେଦୀରେ ଚାନ୍ଦୁଆ ବାନ୍ଧିବା। ଦୋଳବେଦୀ ଖିଲାଣରେ ଓଡ଼ିଆ ମଠ ପକ୍ଷରୁ ଯୋଗାଇ ଦିଆଯାଇଥିବା ରାଶି ତେଲ ବୋଳିବା, ରଥ ବାହୁଡ଼ି ଆସିବା ପରେ ରଥ ଭାଙ୍ଗିବା, ଜନ୍ତା, ଗାଡ଼ ଖୋଲିବା, ସିଙ୍ଗଡ଼ା ବାଡ଼େଇବା, ସାରଥୀ ଉଠାଇବା, ଚାରମାଳ ବାନ୍ଧିବା କାର୍ଯ୍ୟ କରିଥାଆନ୍ତି। ତାଳଧ୍ୱଜ ଓ ନନ୍ଦିଘୋଷରେ ୨୯ଜଣ ଲେଖାଏଁ ଏବଂ ଦର୍ପଦଳନ ରଥରେ ୨୫ଜଣ ରଥ ଭୋଇ ସେବକ ନିୟୋଜିତ ହୋଇଥାଆନ୍ତି। ଖେଇ ଆକାରରେ ଏହି ସେବକଙ୍କୁ ଏକାଦଶୀରେ ଶ୍ରୀମନ୍ଦିରରୁ ଅବଢ଼ା ମହାପ୍ରସାଦ, ଚଢ଼େଇନେଦା, ରଥ କାଠ ଆଦି ପ୍ରଶାସନ ପକ୍ଷରୁ ମିଳିଥାଏ।





## ସାବାଳକ ପିଛା ମିଳିଲା ଜମି, କ୍ଷତିପୂରଣ ରାଶି

୬୨ ରଥ ଭୋଇ ସେବକ ପରିବାରକୁ ସଂପ୍ରତି ଜଗନ୍ନାଥ ବଲ୍ଲଭ ମଧ୍ୟରେ ଥଇଥାନ କରାଯାଇଛି। ସେମାନଙ୍କ ପରିବାରର ପ୍ରତ୍ୟେକ ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ୨୦ ଫୁଟ୍ ଓସାର ଏବଂ ୨୭ଫୁଟ୍ ଲମ୍ବର ଜମି ପ୍ରଦାନ କରାଯାଇଛି। ଘର ନିର୍ମାଣ କରିବା ପାଇଁ ପରିବାରର ପ୍ରତ୍ୟେକ ସାବାଳକଙ୍କ ଉଦ୍ଦେଶ୍ୟରେ ୩ଲକ୍ଷ ୭ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସେମାନେ ପୂର୍ବରୁ ବସତି ସ୍ଥାପନ ପାଇଁ ଯେଉଁ ଘର ତିଆରି କରିଥିଲେ ସେ ବାବଦ ଅର୍ଥରାଶି ମଧ୍ୟ ଆକଳନ ମତେ ପ୍ରଦାନ କରାଯାଇଛି। ଏହାବ୍ୟତୀତ ବିସ୍ଥାପିତ ପରିବାରକୁ ଜଗନ୍ନାଥ ବଲ୍ଲଭ ପରିସରରେ ସଂଗ୍ରହାଳୟ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିବା ଘରେ ରହିବାକୁ ଅନୁମତି ଦିଆଯାଇଛି। ସେଠାରେ ବହୁ ରଥ ଭୋଇ ସେବକ ଦୀର୍ଘଦିନ ହେଲା ରହି ଆସୁଛନ୍ତି। ନିକଟରେ ମିଳିଥିବା ଜମିରେ ଘର ନିର୍ମାଣ କରୁଛନ୍ତି। ବହୁ ପରିବାର ଘର ନିର୍ମାଣ କାର୍ଯ୍ୟ ଶେଷ କରି ସେଠାରେ ରହି ଆସୁଛନ୍ତି। ଅନେକଙ୍କ ଘରର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀକ୍ଷେତ୍ରରେ ଐତିହାସିକ କ୍ରମବିକାଶ ଧାରାରେ ମହାପ୍ରଭୁଙ୍କୁ ଏହି ରଥ ଭୋଇ ସେବକଙ୍କ ଭକ୍ତିପୂତ ତ୍ୟାଗ ସର୍ବଦା ସ୍ମରଣୀୟ ହୋଇ ରହିବ।











# ବୌଦ୍ଧ ସହରରୁ ଗ୍ରାମ ପର୍ଯ୍ୟନ୍ତ ଗଡ଼ିଲା ଅର୍ପଣ ରଥ

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ । କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଭବ୍ୟ ଉତ୍ସବରେ ଯେପରି ପ୍ରତିଟି ଓଡ଼ିଆ ଯୋଡ଼ି ହୋଇ ଦିବ୍ୟ ଅନୁଭବର ସାନିଧ ଲାଭ କରିପାରିବେ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ଜୟ ଜଗନ୍ନାଥ ଅର୍ପଣ ରଥ ମାଧ୍ୟମରେ ପୁରପଲ୍ଲୀରୁ ସମସ୍ତ ଅଞ୍ଚଳ ପରିକ୍ରମା କରି ପ୍ରଭୁ ଜଗନ୍ନାଥଙ୍କୁ ସମର୍ପଣ ଉଦ୍ଦେଶ୍ୟରେ ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୭ଟି ୱାର୍ଡରୁ ଗୁଆ ଚାଉଳ ସଂଗ୍ରହ କରାଯାଇଛି । ୧ ନଂ ୱାର୍ଡ ମାଳିସାହି ସ୍ଥିତ ରାମେଶ୍ୱର ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ପଞ୍ଚାୟତିରାଜ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ପୂଜାର୍ଚ୍ଚନା କରିବା ପରେ ଅର୍ପଣ ରଥ ବାହାରିଥିଲା । ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହେରା, କାଉନସିଲର ଶ୍ୟାମ ସୁନ୍ଦର ବାରିକଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର, ଏନଏସି କର୍ମଚାରୀ, ସ୍ୱଚ୍ଛ ସାଥୀ, ସୁପରଭାଇଜର, ଏସଏଚଜି ମହିଳାମାନେ ଯୋଗଦେଇ ସମସ୍ତ ୱାର୍ଡ ବୁଲି ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ଅର୍ପଣ ରଥ ଶୋଭାଯାତ୍ରାରେ ନାମସଂକୀର୍ତ୍ତନ, ହୁଳହୁଳି ଓ ଶ୍ରୀଜଗନ୍ନାଥଙ୍କ ଭଜନରେ ଭାବଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଜିଲ୍ଲାର ଗାଁ ଗାଁରେ ମଧ୍ୟ ବୁଲିଥିଲା ଅର୍ପଣ ରଥ। ପ୍ରତି ଘରୁ ସଂଗ୍ରହ ହୋଇଥିଲା ଚାଉଳ ଓ ଗୁଆ । ଜିଲ୍ଲାର ୩ ଗୋଟି ବ୍ଲକ୍ ଏବଂ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପ୍ରତ୍ୟେକ ଘରକୁ ଘର ବୁଲି ଏହି ରଥ ଚାଉଳ, ଗୁଆ ଓ ନଡ଼ିଆ ଇତ୍ୟାଦି ସଂଗ୍ରହ କରିଛି। ଅଗଣିତ ଜଗନ୍ନାଥପ୍ରେମୀ ଅତି ସରାଗରେ ନିଜ ପରିବାରର ମୁରବୀ ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ ଚାଉଳ ଓ ଗୁଆ ସମର୍ପି ଦେଉଛନ୍ତି। ଏହି ରଥ ଜିଲ୍ଲାର ଯେଉଁ ସ୍ଥାନରେ ପହଞ୍ଚୁଛି, ସେଠି ଭକ୍ତିର ଅପୂର୍ବ ପରିବେଶ ସୃଷ୍ଟି କରୁଛି। ଖୋଳକୀର୍ତ୍ତନ ସାଙ୍ଗକୁ ଜୟ ଜଗନ୍ନାଥ ଧ୍ୱନିରେ ଗାଁ କମ୍ପୁଛି। ମା' ମାନେ ରାସ୍ତାରେ ଝୋଟି ପକାଇ, ହୁଳହୁଳି ଦେଇ, ଧୂପ ଦୀପ ଜାଳି, ବନ୍ଦାପନା କରି ରଥକୁ ସ୍ୱାଗତ କରୁଛନ୍ତି। ସମଗ୍ର ଜିଲ୍ଲାରେ ଜଗନ୍ନାଥ ସଂସ୍କୃତିକୁ ଯେଭଳି ମହିମାନ୍ୱିତ କରିଛି ଏହି ଅର୍ପଣ ରଥ।

'କରି କରାଉ ଥାଏ ମୁହିଁ, ମୋ' ବିନୁ ଅନ୍ୟ ଗତି ନାହିଁ'। ଏହା ହିଁ ଅକାଟ୍ୟ, ଅଭେଦ୍ୟ ଆଉ ମହାପ୍ରଭୁଙ୍କର ଅଲିଭା କଥା ଓ ଗାଥା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ବାସ୍ତବାୟିତ ହେବାକୁ ଯାଉଛି। ଯାହାକୁ ଦେଖିବେ – ଜାଣିବେ ସାରାବିଶ୍ୱବାସୀ। ମହାପ୍ରଭୁଙ୍କ ଇଛାରେ ଯାହା ସବୁ ହେଉଛି, ବୋଧହୁଏ ଠାକୁରେ ସେଇଆ ଚାହୁଁଥିଲେ ଓ ଚାହୁଁଛନ୍ତି। ଏଇ ପ୍ରକାର ଧାରଣା ଓ ବିଶ୍ୱାସ ସ୍ୱତଃ ଜନ୍ମିଛି ଶ୍ରଦ୍ଧାଳୁ, ଭକ୍ତ ଏବଂ ଅଗଣିତ ଶ୍ରୀଜଗନ୍ନାଥପ୍ରେମୀଙ୍କ ମନରେ ଓ ହୃଦୟରେ । ମହାପ୍ରଭୁ ସର୍ବବ୍ୟାପୀ, ସିଏ ବିଶ୍ୱନିୟନ୍ତା, ଭକ୍ତଗଣଙ୍କ ମନକଥା (ପ୍ରାର୍ଥନା), ଦୁଃଖ ଓ ସମସ୍ୟା ସବୁ ଜାଣନ୍ତି, ଶୁଣନ୍ତି ଓ ତା'ର ଉପସମ ପାଇଁ ମଧ୍ୟ ବାଟ ଦେଖାଇଥାନ୍ତି। ଏକନିଷ୍ଠ ଭକ୍ତି ଓ ସମର୍ପିତ ମନରେ ଥିବା ଭକ୍ତଙ୍କର ମନବାଞ୍ଛା ପୂରଣ କରିଥାନ୍ତି। ଏହି କଥା ସବୁ ପ୍ରତିଫଳିତ ହୋଇଛି ଆଗାମୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହେବାକୁ ଯାଉଥିବା ବହୁ ପ୍ରତିକ୍ଷୀତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମରେ। କଠିନ ପରିଶ୍ରମ, ନିଷ୍ଠା ଓ ସମର୍ପିତ ସେବାରେ କୌଣସି କାମ ଅଟକେ ନାହିଁ ବରଂ ନିଶ୍ଚିତ ସଫଳତା ହାସଲ କରିଥାଏ। ଏଇଥି ପାଇଁ ଠାକୁରଙ୍କ କାମ କୋଉଠି ଅଟକିଯାଇ ନାହିଁ। ବିନା ବାଧାବିଘ୍ନରେ ଠିକ୍ ବାଟରେ ସହଜରେ ଆଉ ଶୃଙ୍ଖଳିତ ଢଙ୍ଗରେ ପ୍ରକଳ୍ପ କାମ ମୁଣ୍ଡିମାରିବା ପର୍ଯ୍ୟାୟରେ ପହଞ୍ଚିଲାଣି। ସେହି ମହାପ୍ରଭୁଙ୍କ ଇଛାରେ ହିଁ ସବୁ ଭଲରେ ହୋଇଯିବ ବୋଲି ଆଶା କରାଯାଉଛି।



## ଭକ୍ତଙ୍କ ମୁହଁରୁ ପଦେ...



ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଏକ ଧାର୍ମିକ କାର୍ଯ୍ୟକ୍ରମ ହୋଇଥିବାରୁ ଏବଂ ବୌଦ୍ଧ ଜଗନ୍ନାଥ ମନ୍ଦିର ଠାରୁ ଏହାର ଶୁଭ ଉଦଘାଟନ କରିଥିବାରୁ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ଭାବେ ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ସଫଳ କାମନା କରୁଛୁ।

**ଶମ୍ଭୁ ପ୍ରସାଦ ମିଶ୍ର,**
**ସାଧାରଣ ସମ୍ପାଦକ ଜିଲ୍ଲା ବ୍ରାହ୍ମଣ ସମାଜ, ବୌଦ୍ଧ ।**



ମୁଁ ବ୍ରାହ୍ମଣ ସମାଜର ସଭାପତି ଭାବେ ଉକ୍ତ ଧାର୍ମିକ କାର୍ଯ୍ୟକ୍ରମକୁ ସ୍ୱାଗତ କରୁଛି, ଯେତେ ଧାର୍ମିକ କାର୍ଯ୍ୟକ୍ରମ ଜିଲ୍ଲାରେ କରାଯାଇପାରିବ ହିନ୍ଦୁ ମାନଙ୍କ ମଧ୍ୟରେ ସେତିକି ଧାର୍ମିକ ଭାବନା ଜାଗ୍ରତ ହେବ। ତେଣୁ ନଗରପାଳଙ୍କ ଦ୍ୱାରା କରାଯାଉଥିବା ଜଗନ୍ନାଥ ପ୍ରକଳ୍ପ କାର୍ଯ୍ୟକ୍ରମକୁ ମୁଁ ଓ ମୋର ସମାଜ ସ୍ୱାଗତ କରୁଛୁ।

**ରାଜେନ୍ଦ୍ର କୁମାର ମିଶ୍ର,**
**ସଭାପତି, ଜିଲ୍ଲା ବ୍ରାହ୍ମଣ ସମାଜ, ବୌଦ୍ଧ ।**

# କନ୍ଧମାଳର ପ୍ରତି ବ୍ଲକ ବୁଲିଲା ଅର୍ପଣ ରଥ, ଅକ୍ଷତ ଓ ଗୁଆ ସଂଗ୍ରହ




ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉପଲକ୍ଷେ ରାଜ୍ୟରେ ପରିକ୍ରମା କରୁଛି ଜଗନ୍ନାଥ ଅର୍ପଣ ରଥ । କନ୍ଧମାଳ ଜିଲ୍ଲାର ସମସ୍ତ ବ୍ଲକ, ଏନ୍ଏସି ଓ ପଞ୍ଚାୟତରେ ମଧ୍ୟ ଏହି ଅର୍ପଣ ରଥ ବୁଲିବା ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ଫୁଲବାଣୀ ସହରବାସୀ । ଫୁଲବାଣୀ ପୌରପରିଷଦ ପକ୍ଷରୁ ଅର୍ପଣ ରଥ ସହରର ବିଭିନ୍ନ ୱାର୍ଡରେ ବୁଲିଥିଲା। ପ୍ରତ୍ୟେକ ଘରେ ଜଗତର ନାଥ ଜଗନ୍ନାଥଙ୍କୁ ଅରୁଆ ଚାଉଳ ଏବଂ ଗୁଆ ଦେଇ ଶ୍ରଦ୍ଧାଳୁମାନେ ଦିବ୍ୟ ଅନୁଭୂତି ଲାଭ କରିଥିଲେ। ଭଜନ, କୀର୍ତ୍ତନ, ନାଚ ଗୀତରେ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଆୟୋଜିତ ଏହି ପରିକ୍ରମାରେ ଲୋକେ ଜଗନାଥଙ୍କ ନିକଟରେ ଭକ୍ତି ନୈବେଦ୍ୟ ସ୍ୱରୂପ ଅରୁଆ ଚାଉଳ ଏବଂ ଗୁଆ କୁଣ୍ଡିରେ ପକାଉଥିବା ଦେଖାଯାଉଥିଲା। ପୌର ନିର୍ବାହୀ ଅଧିକାରୀ ଅଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନ୍‌ସିଲର ରାଜେନ୍ଦ୍ର ପାତ୍ରୀ, ମୃତ୍ୟୁଞ୍ଜୟ ପେରାଙ୍କ ସମେତ ପୌର ପରିଷଦର କର୍ମଚାରୀ ସାମିଲ ହୋଇଥିଲେ।

ଜି.ଉଦୟଗିରି: ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଏକ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ଏହି ରଥ ୧୩ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ପରିଷଦର ବିଭିନ୍ନ ୱାର୍ଡରେ ପରିକ୍ରମା କରି ଚାଉଳ ଓ ଗୁଆ ସଂଗ୍ରହ କରି ଶ୍ରୀକ୍ଷେତ୍ର ପୁରୀ ଉଦ୍ଦେଶ୍ୟରେ ପଠାଯିବ ବୋଲି କୁହାଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଉକ୍ତ ଅର୍ପଣ ରଥକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ଏନ୍ଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ସନ୍ତୋଷ ବାଘ, ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ ସ୍ୱାଇଁଙ୍କ ସହ ନଦିଆ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ପୂଜାର୍ଚ୍ଚନା କରିଛନ୍ତି । ଜଗନ୍ନାଥ ମନ୍ଦିର ଠାରୁ ରଥ ୱାର୍ଡ ନମ୍ବର-୧ର ପଦାସାହି, ମହାଗୁଡ଼ା ସାହି, ବରଳିନୀ ସାହି ଯାଇଥିଲା । ଜି.ଉଦୟଗିରି : ଭଲ ପାଉଥିବା ସମସ୍ତ ଜନସାଧାରଣ ଏହି ରଥକୁ ସ୍ୱାଗତ କରିବା ସହ ଗୁଆ, ଚାଉଳ ଅର୍ପଣ କରି ସରକାରଙ୍କ ଏହି ମହତ କାର୍ଯ୍ୟକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି। ଏହି ଅବସରରେ ମୋହନା ଜଗନ୍ନାଥ ମନ୍ଦିର ନିର୍ମାଣ ତଦାରଖ କରିଥିଲେ ଜିଲ୍ଲାପାଳ। ରା.ଉଦୟଗିରି : ବ୍ଲକ୍‌ରେ ବୁଲିଲା ଜଗନ୍ନାଥ ଅର୍ପଣ ରଥ। ଅପରାହ୍ନରେ ପହଁଞ୍ଚି ରା.ଉଦୟଗିରି ପ୍ରତି ସାହି, ବୁଲି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି । ବିରାଟ ପଟୁଆରରେ କୀର୍ତ୍ତନ ମଣ୍ଡଳୀ ସହିତ ଅର୍ପଣ ରଥକୁ ବିଡିଓ ଲରେ ମାନ ଖରସେଲ ସ୍ୱାଗତ କରିଥିଲେ। ଶାନ୍ତି ଶୃଙ୍ଖଳାକୁ ବଜେଇ ରଖିବା ପାଇଁ ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ ସହଯୋଗ କରିଥିଲେ। ଜିପିଓ ଶଶାଙ୍କ ଶେଖର ସୁବୁଦ୍ଧି, ପ୍ରଭାକର ପ୍ରଧାନ, ୱାର୍ଡ ସଭ୍ୟ ପଦ୍ମିନୀ ସୁବୁଦ୍ଧି, ନାୟବ ସରପଞ୍ଚ ରମା ବେହେରା ଦଳାଇ ଏବଂ ଗ୍ରାମବାସୀଙ୍କ ସହଯୋଗରେ ରଥଟି ବିଭିନ୍ନ ସାହି ପରିକ୍ରମା କରିଥିଲା।

ଫିରିଙ୍ଗିଆ: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉପଲକ୍ଷେ ଫିରିଙ୍ଗିଆ ବ୍ଲକ୍‌ରେ ଦୁଇଟି ଅର୍ପଣ ରଥର ଶୁଭାରମ୍ଭ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ପ୍ରତ୍ୟେକ ଘରୁ ଜଗତର ନାଥ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଏବଂ ଗୁଆ ସଂଗ୍ରହ କରାଯାଉଛି। ଭଜନ, କୀର୍ତ୍ତନ, ନାଚ ଗୀତ ସହିତ ଏହି ପରିକ୍ରମାରେ ସାମିଲ ହୋଇଛନ୍ତି ଭକ୍ତ। ଫିରିଙ୍ଗିଆ ଜଗନ୍ନାଥ ମନ୍ଦିରରୁ ବାହାରି ପକାରୀ, ସାଙ୍ଗିଆ, ବେଲପଡା, ବନ୍ଧଗଡ ପଞ୍ଚାୟତ ବୁଲିଥିଲା ରଥ। ବିଡିଓ ଅନୁପ ଅଭିଷେକ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିଏମ ସଂଗ୍ରାମ କେଶରୀ ସାହୁ, ଜିତେନ୍ଦ୍ର ଆଚାର୍ଯ୍ୟ, ଏପିଓ ସୁମନ୍ତ ଉଠାଣସିଂ ପରିକ୍ରମାରେ ସାମିଲ ହୋଇଥିଲେ । ବାଲିଗୁଡା : ପୁରୀ ବଡ ଦେଉଳ ପରିକ୍ରମା ପ୍ରକଳ୍ପ ଉଦଘାଟନ ନିମନ୍ତେ ସାରା ରାଜ୍ୟରେ ଚାଲିଛି ଜଗନ୍ନାଥ ଅର୍ପଣ ରଥ । ଏହି ରଥକୁ ବାଲିଗୁଡା ଜଗନ୍ନାଥ ମନ୍ଦିର ପରିସରରେ ପୁଜାର୍ଚ୍ଚନା କରାଯାଇଥିଲା ପରେ ଏନଏସି କାର୍ଯ୍ୟାଳୟ ପରିସରରେ ଉଦଘାଟନ କରାଯାଇଛି । ଏହାକୁ ଉଦଘାଟନ କରିଥିଲେ ସାଂସଦ ପ୍ରତିନିଧି ତଥା ବିଜେଡି ବ୍ଲକ ସଭାପତି ଟୁନା ଦାସ ଓ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ପର୍ଯ୍ୟବେକ୍ଷକ ଅଜୟ ମହାରଣା, ବିଧାୟକ, ପ୍ରତିନିଧି ଅବନୀ ନାୟକ,ଏନଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ଉପାଧ୍ୟକ୍ଷା ଶାନ୍ତି ନାୟକ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଉଦଘାଟନ ପରେ ପରେ ଏହି ରଥ ଗାୟତ୍ରୀ ମନ୍ଦିରକୁ ଯାଇଥିଲା। ସେଠାରେ ବନ୍ଦାପନା କରିବା ପରେ ଓାର୍ଡ ନଂ ୫, ୬, ୭ ନୂଆସାହିର ତିନୋଟି ଓାର୍ଡ ପରିକ୍ରମା କରି ଜଗନ୍ନାଥ ମନ୍ଦିରକୁ ଫେରି ପ୍ରସାଦ ସେବନ ପରେ ଅପରାହ୍ନରେ ୱାର୍ଡ ନଂ ୪ ଦଣ୍ଡପଦରକୁ ପରିକ୍ରମା କରିଥିଲେ, ଏଠାରେ ମଧ୍ୟ ରଥକୁ ବନ୍ଦାପନା କରି ଖୋଳତାଳ ବଜାଇ ପାଛୋଟି ନେଇଥଲେ । ପରିକ୍ରମା କରିଥିବା ସାହିର ସମସ୍ତଙ୍କ ଘରୁ ଚାଉଳ ଓ ଗୁଆ ଅର୍ପଣ କରିଥିଲେ । ସମସ୍ତ ସାହି ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଉଠିଥିଲା । ଏହି ପରିକ୍ରମାରେ କାଉନ୍‌ସିଲରମାନେ ଉପସ୍ଥିତ ଥିଲେ ।







# ଢେଙ୍କାନାଳର ସମସ୍ତ ଗଳିରେ ଗଡୁଛି ଅର୍ପଣ ରଥ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଆସନ୍ତା ୧୭ ତାରିଖରେ ହେବ। ଏହି ଐତିହାସିକ କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ସଂପୃକ୍ତି ଲାଗି ସମଗ୍ର ରାଜ୍ୟରେ ବୁଲୁଛି 'ଜୟ ଜଗନ୍ନାଥ ଅର୍ପଣ ରଥ'। ଏହି ପବିତ୍ର ରଥ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଜିଲ୍ଲା କାର୍ଯ୍ୟାଳୟ ପରିସରରେ ୩ଟି 'ଅର୍ପଣ ରଥ' ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଜ୍ୟୋତିଶଙ୍କର ସାହୁ, ସଦର ବିଡିଓ ଆୟୁଷୀ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଥିଲେ। ସଦର ବ୍ଲକ୍‌ର ଗ୍ରାମାଞ୍ଚଳରେ ସୋମବାର ପର୍ଯ୍ୟନ୍ତ ବୁଲି ଅକ୍ଷତ ଓ ଗୁଆ ସଂଗ୍ରହ କରିବ। ସେହିପରି ଏହି ପବିତ୍ର ରଥ କାମାକ୍ଷାନଗର ଏନ୍‌ଏସିର ୧ ନମ୍ବର ୱାର୍ଡ ପରିକ୍ରମା କରିଥିଲା। ରଥକୁ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ନଗରପାଳ ଧର୍ମାନନ୍ଦ ପରିଡ଼ା, ଉପନଗରପାଳ ଶକୁନ୍ତଳା ସେଠୀ, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର ପ୍ରମୁଖଙ୍କ ଉପସ୍ଥିତରେ ସ୍ୱାଗତ କରାଯାଇଥିଲା। ରଥ ପହଞ୍ଚିବା କ୍ଷଣି ହରିବୋଲ, ହୁଳହୁଳି, ସଂକୀର୍ତ୍ତନ ଓ ଶଙ୍ଖଧ୍ୱନିରେ ସମଗ୍ର ଅଞ୍ଚଳରେ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତି ଘରୁ ମା'ମାନେ ଅରୁଆ ଚାଉଳ ଓ ଗୁଆ ଉଦ୍ଦିଷ୍ଟ ପାତ୍ରରେ ଅର୍ପଣ କରିଥିଲେ। ଆଗକୁ ଏହି ରଥ ସମଗ୍ର ଏନ୍‌ଏସିର ୧୫ଟି ୱାର୍ଡ ପରିକ୍ରମା କରିବ। ସେହିପରି କାମାକ୍ଷାନଗର ବ୍ଲକ୍ ସୋଗର ପଞ୍ଚାୟତରେ ପ୍ରତି ଘରୁ ଅରୁଆଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି । ଗାଁଗୁଡ଼ିକରେ ରଥକୁ ମହିଳାମାନେ ଧୂପଦୀପ ଦେଇ ବନ୍ଦାପନା କରିଛନ୍ତି। ଅନ୍ୟପକ୍ଷରେ, ହିନ୍ଦୋଳ ଏନ୍‌ଏସିରେ ଏହି ରଥ ଦୁଇଟି ୱାର୍ଡ ବୁଲିବା ସହ ଘରକୁ ଘର ଯାଇ ସମସ୍ତଙ୍କଠାରୁ ଅକ୍ଷତ, ଗୁଆ ସଂଗ୍ରହ କରୁଛି। ସଂଗୃହୀତ ଅକ୍ଷତ ଓ ଗୁଆକୁ ଏନ୍‌ଏସି ତତ୍ତ୍ୱାବଧାନରେ ପୁରୀ ପଠାଯିବ ବୋଲି ଏନ୍‌ଏସି କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡ଼ିଛି। ଏହି ରଥ ୱାର୍ଡ ନମ୍ବର ୧, ୨ ଓ ୩ ପରିକ୍ରମା କରିଛି। ସ୍ଥାନୀୟ ଜନସାଧାରଣ ରଥକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମ ପ୍ରଥମେ ହିନ୍ଦୋଳ ଏନ୍‌ଏସି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷ କେଶବ ପ୍ରଧାନ ଓ ଉପାଧ୍ୟକ୍ଷା ପ୍ରତିମା ରାଉତ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀଙ୍କ କୀର୍ତ୍ତନ, ଘଣ୍ଟ ଓ ଶଙ୍ଖଧ୍ୱନି ମଧ୍ୟରେ ଏହି ରଥ ସହର ପରିକ୍ରମା କରିଥିଲା। ନଗର ବିଜେଡି ସଭାପତି ଗୋବିନ୍ଦ ବେହେରା, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସମ୍ପାଦକ ତପନ ପରିଡ଼ା, କାଉନ୍‌ସିଲର୍ ସୌମିତ୍ର ବେହେରା, ସୁଶାନ୍ତ ନାୟକ, ଶୁଭଲକ୍ଷ୍ମୀ ଦେହୁରୀ, ରୁଦ୍ରନାରାୟଣ ଦାସ, ବନିତା ଦାସ, ଅନୁପମା ସାହୁ, ବିଜେଡି ଯୁବ ଉପସଭାପତି ବିଜୟ ବେହେରା, ଛାତ୍ର ସଭାପତି ଶ୍ୟାମଳ ଜେନାଙ୍କ ସହ ବହୁ କର୍ମୀ ସାମିଲ୍ ହୋଇଥିଲେ ।



ସମ୍ପାଦକୀୟ
29 YEARS
ସମ୍ବାଦ କଳିଙ୍ଗ

# ଭାରତରେ ବଢୁଛି ଧନୀଙ୍କ ସଂଖ୍ୟା

ଦେଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

# ମକର ସଂକ୍ରାନ୍ତି ଓ ଗୁଡ଼ି ଉଡ଼ା ପର୍ବ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ–୮୮୯୫୧୯୦୪୭୫

ଭଗବାନ ସୂର୍ଯ୍ୟନାରାୟଣଙ୍କର ଉପାସନା ଓ ଆରାଧନାର ତାତ୍ପର୍ଯ୍ୟକୁ ଉପଲବ୍ଧି କରି ମକର ସଂକ୍ରାନ୍ତିର ପରିକଳ୍ପନା କରାଯାଇଅଛି । ସମନ୍ୱୟ ଭାତୃତ୍ୱ, ଏକତା ଓ ଅଖଣ୍ଡତାର ବାର୍ତ୍ତା ବହନ କରୁଥିବା ମକର ସଂକ୍ରାନ୍ତି ସମଗ୍ର ଭାରତ ବର୍ଷର ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ଜୀବନକୁ ପ୍ରଭାବିତ କରେ । ମକର ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମକର ମେଳା ଓ ମହୋତ୍ସବ ଏକ ମିଳନର ପର୍ବ । ମାଟି ଓ ମଣିଷ ସହିତ ମକର ସଂକ୍ରାନ୍ତି ଯୋଡ଼ିଥାଏ ଏକ ଭାବଗତ ଆତ୍ମିକ ସମ୍ପର୍କ । ଧର୍ମ, ସଂସ୍କୃତି ଓ ପରମ୍ପରାର ଏକ ମହା ମିଳନ ମକର ସଂକ୍ରାନ୍ତି । ଜୀବନ, ଜୀବିକା, ଆସ୍ଥା ଓ ବିଶ୍ୱାସ ପ୍ରଭୃତି ସହିତ ମକର ସଂକ୍ରାନ୍ତିର ରହିଛି ନିବିଡ଼ ଓ ଘନିଷ୍ଠ ସମ୍ପର୍କ । ମକର ଉତ୍ସବର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସୁଦୂର ପ୍ରସାରୀ ତଥା ଦିଗନ୍ତ ବିସ୍ତାରୀ । ମକର ସଂକ୍ରାନ୍ତିର ଅନ୍ୟତମ ଆକର୍ଷଣ ଗୁଡ଼ି ଉଡ଼ା ପର୍ବ । ଗୁଡ଼ି ଜୀବନ ଦର୍ଶନକୁ ଅନୁଭବ କରିବାର ଏକ ମାଧ୍ୟମ । ଗୁଡ଼ି ବିଜୟ ଓ ସଫଳତାର ସଂକେତ ବହନ କରିଥାଏ । ସୁଖ, ସମୃଦ୍ଧି ଓ ବିଶ୍ୱାସର ପ୍ରତୀକ ଗୁଡ଼ି ହୋଇଥିବାରୁ ଗୁଡ଼ି ଉଡ଼ଉଥିବା ବ୍ୟକ୍ତି ଗୁଡ଼ି ମାଧ୍ୟମରେ ନିଜ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସାଫଲ୍ୟ ମଣ୍ଡିତ କରିବାରେ ସମର୍ଥ ହୋଇଥାଏ । ଭାରତ ବର୍ଷ ତଥା ସମଗ୍ର ବିଶ୍ୱରେ ଭିନ୍ନ-ଭିନ୍ନ ସମୟରେ ଗୁଡ଼ି ଉଡ଼ା ପର୍ବ ପାଳନ କରାଯାଏ । ଓଡ଼ିଶା ତଥା ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଗୁଡ଼ିଉଡ଼ା ପର୍ବ ବିଶେଷକରି ଆୟୋଜିତ ହୁଏ ମକର ସଂକ୍ରାନ୍ତି ଅବସରରେ । ଏହି ସଂକ୍ରାନ୍ତି ଦିନ ରଙ୍ଗ ବେରଙ୍ଗର ଗୁଡ଼ି ସତେ ଯେପରି ଆକାଶରେ ମେଘକୁ ଢାଙ୍କି ଦେଇଥାଏ । ଭାରତରେ ବିଭିନ୍ନ ପ୍ରକାର ଆକୃତିର ଗୁଡ଼ି ଉଡ଼ାଯାଇଥାଏ । ନଟେଇ ଓ ଗୁଡ଼ି ବିସ୍ମୟକର ପର୍ବର ମୁଖ୍ୟ ଆକର୍ଷଣ । ଗୁଡ଼ି କେବଳ ଭାରତ ବର୍ଷର ଆକାଶ ନୁହେଁ ବିଭିନ୍ନ ଦେଶର ଆକାଶକୁ ରଙ୍ଗୀୟିତ କରିଥାଏ । ଗୁଡ଼ି ଉଡ଼ା ପର୍ବକୁ ନେଇ ଅନେକ ସୁନ୍ଦର ପୌରାଣିକ ଆଖ୍ୟାନ ରହିଛି । ଏକ ଆଖ୍ୟାନ ଅନୁଯାୟୀ ପ୍ରଭୁ ଶ୍ରୀରାମଚନ୍ଦ୍ର ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡ଼ାଇଥିଲେ । ଶ୍ରୀରାମଙ୍କ ଗୁଡ଼ି ଇନ୍ଦ୍ରଲୋକରେ ଯାଇ ପହଞ୍ଚିଲା । ଇନ୍ଦ୍ରଙ୍କର ପୁତ୍ର ଜୟନ୍ତଙ୍କ ପତ୍ନୀ ପ୍ରଭୁ ଶ୍ରୀରାମଙ୍କ ଗୁଡ଼ି ପାଇଥିଲେ । ଗୁଡ଼ି ଅତି ସୁନ୍ଦର ଥିବାରୁ ତାକୁ ପସନ୍ଦ କରି ସେ ନିଜ ପାଖରେ ରଖିଲେ । ସେ ଭାବିଲେ ଗୁଡ଼ିଟି ଯାହାର ସେ ନିଶ୍ଚୟ ନେବାକୁ ଆସିବ । ପ୍ରଭୁ ଶ୍ରୀରାମଚନ୍ଦ୍ର ଗୁଡ଼ିକୁ ଆଣିବା ନିମନ୍ତେ ଭକ୍ତ ଶ୍ରେଷ୍ଠ ପବନ ନନ୍ଦନ ହନୁମାନଙ୍କୁ ଇନ୍ଦ୍ରଲୋକକୁ ପ୍ରେରଣ କଲେ । ଜୟନ୍ତଙ୍କ ପତ୍ନୀ ଅଞ୍ଜନା ନନ୍ଦନ ହନୁମାନଙ୍କୁ ଗୁଡ଼ି ନଦେଇ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଜୟନ୍ତଙ୍କ ପତ୍ନୀଙ୍କ ଇଚ୍ଛା ପୂରଣ କରିବାକୁ ଯାଇ ପ୍ରଭୁ ଶ୍ରୀରାମଚନ୍ଦ୍ର ତାଙ୍କୁ ଚିତ୍ରକୁଟରେ ଦର୍ଶନ ଦେଇଥିଲେ । ପୌରାଣିକ ତଥ୍ୟ ଅନୁଯାୟୀ ସେହିଦିନ ଠାରୁ ମକର ସଂକ୍ରାନ୍ତି ଦିନ ଗୁଡ଼ି ଉଡ଼ା ପର୍ବ ଆରମ୍ଭ ହୋଇଛି । ତଥ୍ୟରୁ ଜଣାଯାଏ ଗୁଡ଼ିର ଜନ୍ମ ଚୀନ୍ ଦେଶରୁ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଚୀନର ଦାର୍ଶନିକ ମୋହହି ପ୍ରଥମେ ଗୁଡ଼ି ପ୍ରସ୍ତୁତ କରିଥିଲେ । ବାଉଁଶପାତ ଉପରେ ରେଶମ କପଡ଼ାର ଆବରଣ ଦେଇ ସେ ପ୍ରସ୍ତୁତ କରିଥିଲେ ଗୁଡ଼ି । ଚୀନ୍ ବାସୀମାନେ ବାୟୁ ଚାପ, ଉଚ୍ଚତାମାପ, ସତର୍କ ସୂଚନା, ସୈନ୍ୟବାହିନୀକୁ ସଂକେତ ଆଦି କାର୍ଯ୍ୟରେ ଗୁଡ଼ିକୁ ବ୍ୟବହାର କରୁଥିଲେ । ଗୁଡ଼ି ଉଡୁଥିବା ସମୟରେ ଯଦି ସୂତା ଛିଣ୍ଡିଯାଏ ତେବେ ଏହାକୁ ଅଶୁଭର ଲକ୍ଷଣ ବୋଲି ଚୀନରେ ବିବେଚନା କରାଯାଏ । ଚୀନରେ ହଲି ହଲି ଗୁଡ଼ି ଯେତେବେଳେ ତଳେ ପଡ଼ିଯାଏ ଏହାକୁ କେହିବି ଉଠାଉନଥିଲେ । ଚୀନବାସୀମାନେ ବିଶ୍ୱାସ କରୁଥିଲେ ଛିଣ୍ଡା ଗୁଡ଼ି ସହ ଉଡ଼ାଳିର ଦୁର୍ଭାଗ୍ୟ ଜଡ଼ିତ ରହିଛି । ଚୀନ୍ ଦେଶର ଇତିହାସରୁ ଜଣାଯାଏ ହାନ୍ସିକ କାଗଜକୁ ଚାରି କୋଣିଆ କରି କାଟି ଏହାକୁ ପବନରେ ଉଡ଼ାଇ ନିଜ ସୈନ୍ୟବାହିନୀକୁ ବାର୍ତ୍ତା ପଠାଉଥିଲେ । ଚୀନର ବୌଦ୍ଧ ତୀର୍ଥଯାତ୍ରୀ ମାନଙ୍କ ଦ୍ୱାରା ଭାରତରେ ଗୁଡ଼ିର ପ୍ରଚଳନ ହେଲା ବୋଲି କିଛି ବିଦ୍ୱାନ ମତବ୍ୟକ୍ତ କରନ୍ତି । ସୁପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ଫାୟିୟାନ ଓ ହୁଏନ୍ସାଂଙ୍କ ଦ୍ୱାରା ଭାରତରେ ଗୁଡ଼ିର ବ୍ୟବହାର ହୋଇଥିବାର କିଛି ଗବେଷକ ତଥ୍ୟ ଉପସ୍ଥାପନ କରନ୍ତି । ମୋଗଲ ବାଦଶାହା ଓ ରାଜକୁମାର ମାନଙ୍କର ଗୁଡ଼ିପ୍ରତି ପ୍ରବଳ ଦୁର୍ବଳତା ଥିଲା । ଲକ୍ଷ୍ନୌ, ରାମପୁର, ହାଇଦ୍ରାବାଦ ଆଦି ସହରର ନବାବମାନେ ଗୁଡ଼ିକୁ ପ୍ରଜାମାନଙ୍କର ଅଭାବ ଦୂର କରିବାର ମାଧ୍ୟମ ରୂପେ ବ୍ୟବହାର କରୁଥିଲେ । ରାଜାମାନେ ଗୁଡ଼ିରେ ସୁନା ମୋହର ବାନ୍ଧି ଉଡ଼ାଉଥିଲେ । ଏବଂ ଶେଷରେ ସୂତା ଛିଣ୍ଡାଇ ଦେଉଥାନ୍ତି । ସେମାନଙ୍କର ଉଦ୍ଦେଶ୍ୟ ଥାଏ ଯେଉଁ ଗ୍ରାମରେ ଗୁଡ଼ି ପଡ଼ିବ ସେହି ଗ୍ରାମର ଅଧିବାସୀ ସୁନା ମୋହର ପାଇ ନିଜ ଅଭାବ ଦୂର କରିବେ । ଜଣାଯାଏ ଜାମ୍ମୁର ରାଜାମାନେ ଗୁଡ଼ି ପ୍ରତି ଯଥେଷ୍ଟ ରୁଚି ରଖିଥିଲେ ତେଣୁ ସେମାନେ ଗୁଡ଼ି ଉଡ଼ାଳି ମାନଙ୍କୁ ରାଜ ଦରବାରରେ ନିଯୁକ୍ତି ଦେଉଥିଲେ ।

ଭାରତରେ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ, ମକର ସଂକ୍ରାନ୍ତି, ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ଅବସରରେ ଗୁଡ଼ି ଉଡ଼ାଯାଏ । ୨୦୧୨ ମସିହାରୁ ଗୁଜୁରାଟରେ ଆନ୍ତର୍ଜାତୀୟ ଗୁଡ଼ି ଉଡ଼ା ପ୍ରତିଯୋଗିତା ପାଳିତ ହୋଇଆସୁଅଛି । ଏହି ମହୋତ୍ସବରେ ରଙ୍ଗବେରଙ୍ଗର ଗୁଡ଼ିରେ ଆକାଶ ସାରା ରଙ୍ଗିନ୍ ଦେଖାଯାଉଥାଏ । ଦେଶ-ବିଦେଶରୁ ଅନେକ ଲୋକ ନୂଆ ଓ ନିଆରା ଗୁଡ଼ି ଧରି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥାନ୍ତି । ଗୁଜୁରାଟର ଗୁଡ଼ି ଉଡ଼ା ପ୍ରତିଯୋଗିତା 'ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ'ରେ ସ୍ଥାନ ପାଇଛି । ୧୯୮୬ ମସିହାରେ ଏଠାରେ ପ୍ରଥମ ଥର ଗୁଡ଼ି ଉଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ସିଙ୍ଗାପୁର, ଅଷ୍ଟ୍ରେଲିଆ, ସ୍ୱିଜରଲ୍ୟାଣ୍ଡ ପ୍ରଭୃତି ଦେଶରୁ ପ୍ରତିଯୋଗୀମାନେ ଆସି ଏଥିରେ ଅଂଶଗ୍ରହଣ କରନ୍ତି । ପ୍ରତିବର୍ଷ ଗୁଜୁରାଟରେ ମକର ସଂକ୍ରାନ୍ତି ପୂର୍ବରୁ ଏହି ପର୍ବ ଆରମ୍ଭ ହୋଇ ସଂକ୍ରାନ୍ତି ଦିନ ପରିସମାପ୍ତି ଘଟେ । ଗୁଜୁରାଟ ସରକାରଙ୍କର ପର୍ଯ୍ୟଟନ ବିଭାଗ ଏହି ଗୁଡ଼ି ଉଡ଼ା ଉତ୍ସବର ଆୟୋଜନ କରିଥାନ୍ତି । ତେଲେଙ୍ଗାନାରେ ଅନ୍ତରାଷ୍ଟ୍ରୀୟ ଗୁଡ଼ି ଉଡ଼ା ଦିବସ ପାଳନ କରାଯାଏ । ଏହି ପ୍ରତିଯୋଗୀତାରେ ୪୦ରୁ ଅଧିକ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରନ୍ତି । ରାଜସ୍ଥାନର ଜୟପୁର ସହରରେ ମଧ୍ୟ ଗୁଡ଼ିଉଡା ଉତ୍ସବ ପାଳନ କରାଯାଏ । ଏହିଦିନ ଜୟପୁରର ପୋଲଗ୍ରାଉଣ୍ଡରେ ଅନେକ ଜନତା ଏକତ୍ରୀତ ହୋଇ ଗୁଡ଼ି ଉଡାଇ ନିଜ ଦକ୍ଷତାର ପରିଚୟ ଦେଇଥାନ୍ତି । ବନ୍ଧୁ ମିଳନ ଓ ଭାଇଚାରାର ଶ୍ରେଷ୍ଠ ପର୍ବ ମକର ସଂକ୍ରାନ୍ତିରେ ଓଡ଼ିଆ ପରିବାରରେ ଉତ୍ସାହ ଓ ଉଦ୍ଦୀପନାର ଐଶ୍ୱରୀୟ ବାତାବରଣ ସୃଷ୍ଟି ହୋଇଥାଏ । ଏହି ଅବସରରେ ବିଭିନ୍ନ ସ୍ଥାନରେ ଗୁଡ଼ି ଉଡ଼ା ପର୍ବ ଆରମ୍ଭ ହୋଇଥାଏ । ବିଶେଷ କରି ଦକ୍ଷିଣ ଓଡ଼ିଶା ସମେତ କଟକରେ ଏହାର ଯଥେଷ୍ଟ ମହତ୍ତ୍ୱ ରହିଛି । ଢେଙ୍କାନାଳରେ ମହାସମାରୋହରେ ଗୁଡ଼ି ଉଡ଼ା ପର୍ବ ଆନନ୍ଦ ଓ ଉଲ୍ଲାସ ମଧ୍ୟରେ ପାଳିତ ହୁଏ । ଐତିହ୍ୟ ନଗରୀ କଟକ ଗୁଡ଼ି ଉଡ଼ା ପର୍ବ ପାଇଁ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ଗୁଡ଼ିର ପର୍ବ ମକରରେ କଟକର ଆକାଶ ରଙ୍ଗ ବେରଙ୍ଗ ଗୁଡ଼ିରେ ଛାଇ ହୋଇଯାଏ । ତେଣୁ ସ୍ୱତନ୍ତ୍ର କଟକ ଗୁଡ଼ିର ଆଦର ରହିଛି । କଟକର କନ୍କବା (ଲାଞ୍ଜ ନଥିବା), ପେଟକଟା (କମାଣି ବଦଳ), ପଟାଦାର (ବିଭିନ୍ନ ରଙ୍ଗ ଥିବା) ଲାଙ୍ଗୁଡ଼ା (ଲାଞ୍ଜଯୁକ୍ତ), ଚେଙ୍ଗଗୁଡ଼ି (ଲମ୍ବା ଗୁଡ଼ି) କଟକ ଗୁଡ଼ିରେ ସ୍ଥାନ ପାଇଥାଏ । ଗୋଟ୍, ସୁର୍କି, ଘଂଘା, ପରିଶଦ ଗୁଡ଼ିଉଡ଼ାରେ ବ୍ୟବହାର କରାଯାଏ । ଓଡ଼ିଶାର ଅନ୍ୟ ସ୍ଥାନ ଅପେକ୍ଷା କଟକର ଗୁଡ଼ି ଉଡ଼ା ପରମ୍ପରା ବହୁ ପ୍ରାଚୀନ । କଟକର ଗଡ଼ଗଡ଼ିଆ ଘାଟ, ମହାନଦୀ ପଠା ଓ ଧବଳେଶ୍ୱର ପୀଠ ପ୍ରଭୃତି ସ୍ଥାନରେ ମହାଆନନ୍ଦରେ ଗୁଡ଼ି ମହୋତ୍ସବ ପାଳିତ ହୋଇଥାଏ । ତେଣୁ ଜନସାଧାରଣ ମାଞ୍ଜାସୂତା ପ୍ରସ୍ତୁତ ସାଙ୍ଗକୁ ନଟେଇ ଓ ଗୁଡ଼ିର ଯୋଗାଡ଼ ଆରମ୍ଭ କରନ୍ତି । ସେହିପରି ବିଶ୍ୱର ଅନ୍ୟାନ୍ୟ ଦେଶରେ ଗୁଡ଼ି ଉଡ଼ାର ପର୍ବ ବିଭିନ୍ନ ଧାର୍ଯ୍ୟ ଦିନରେ ଆୟୋଜିତ ହୁଏ । ଚତୁର୍ଦ୍ଦଶ ଶତାବ୍ଦୀରେ ଚୀନରୁ ଗୁଡ଼ିଉଡ଼ା ସଂସ୍କୃତି ଜାପାନକୁ ପ୍ରବେଶ କରିଥିଲା ବୋଲି ଗବେଷକମାନେ ମତ ଦିଅନ୍ତି । ଗୁଡ଼ି ଉଡ଼ାଇବା ସମୟରେ ଲୋକେ ଛାତରୁ ପଡ଼ି ଆହତ ହେବା ବା ମୃତ୍ୟୁବରଣ କାରଣରୁ ୧୬୫୫ ଖ୍ରୀଷ୍ଟାବ୍ଦରେ ତୋକୁଗାସା ଶାଗୁନାରେ ଗୁଡ଼ି ଉଡ଼ା ନିଷେଧ କରାଯାଇଥିଲା । କେବଳ ନୂଆ ବର୍ଷରେ ଗୁଡ଼ି ଉଡ଼ାଇବାର ନିର୍ଦ୍ଦେଶ ରହିଥିଲା । ଏହାପରେ ବର୍ଷର ପଞ୍ଚମ ମାସ ପଞ୍ଚମ ଦିନ ଜାପାନର ପିଲାମାନଙ୍କ ଖୁସି ଲାଗି ସ୍ୱତନ୍ତ୍ର ଦିନ ଧାର୍ଯ୍ୟ ହୋଇଥିବାରୁ ଏହି ଦିନ ଗୁଡ଼ି ଉଡ଼ାଯାଇଥାଏ । ମେ ମାସ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜାପାନରେ ଗୁଡ଼ି ଉଡ଼ା ପର୍ବ ପାଳିତ ହୋଇଥାଏ । କାଗଜ ଓ ବତାରେ ତିଆରି ପାରମ୍ପରିକ ଗୁଡ଼ି 'ୱାଦାକୋ' ସହ ଚାରି କୋଣିଆ ଗୁଡ଼ି 'କାକୁଦାକୋ' ଏବଂ ମନୁଷ୍ୟ ଆକୃତିର 'ଯାକୋଦାକୋ' ଗୁଡ଼ି ସେଠାରେ ଅଧିକ ଲୋକପ୍ରିୟ । ଜାପାନର ବାସୁକାବୋ, ହାମାମାସୁ ଏବଂ ସାଗା ମିଠାରେ ସ୍ୱତନ୍ତ୍ର ଗୁଡ଼ି ପର୍ବ ଆୟୋଜିତ ହୁଏ । ପ୍ରାୟ ୧୮୩୦ ମସିହାରୁ ଏଠାରେ ୨୧୦ ବର୍ଗମିଟର ପର୍ଯ୍ୟନ୍ତ ଆକୃତିର ବିଶାଳକାୟ ଗୁଡ଼ି ଉଡ଼ା ଯିବାର ପରମ୍ପରା ରହିଛି । ଚୀନର ସାନ୍ଡୋଙ୍ଗ ଅନ୍ତର୍ଗତ ୱେପାଙ୍ଗକୁ ବିଶ୍ୱର ଗୁଡ଼ି ରାଜଧାନୀ ବୋଲି କୁହାଯାଏ । ଏହାକୁ ଗୁଡ଼ିର ଜନ୍ମସ୍ଥାନ ବୋଲି ମଧ୍ୟ କୁହାଯାଏ । ପ୍ରତିବର୍ଷ ଅପ୍ରେଲ ୨୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଏଠାରେ ଗୁଡ଼ି ଉଡ଼ାଇବାର ଭବ୍ୟ ଉତ୍ସବ ପାଳନ କରାଯାଏ । ୧୯୮୪ ମସିହା ଅପ୍ରେଲ ୧ ତାରିଖରୁ ଏଠାରେ ଆନ୍ତର୍ଜାତୀୟ ଗୁଡ଼ିପର୍ବ ପାଳନ କରାଯାଇଥିଲା । ୧୯୮୮ ମସିହାରେ ଏଠାରେ ନୃତ୍ୟ ଗୀତ ସହିତ ଗୁଡ଼ି ଉଡ଼ା ପର୍ବ ଆରମ୍ଭ ହୋଇଥିଲା । ଇଣ୍ଡୋନେସିଆର ଜାକାର୍ତ୍ତା ଠାରେ ମେ ୨୯ ତାରିଖରେ ଆନ୍ତର୍ଜାତୀୟ ଗୁଡ଼ି ପର୍ବ ପାଳନ କରାଯାଇଥାଏ । ଆମେରିକାର ରାଜଧାନୀ ୱାଶିଂଟନ୍‌ରେ ନ୍ୟାସନାଲ ମଲରେ 'ବ୍ଲସମ କାଇଟ୍ ଫେଷ୍ଟିଭାଲ' ଭାବେ ଗୁଡ଼ି ଉଡ଼ାଇବା ଏକ ସୁନ୍ଦର ଉତ୍ସବ ଆୟୋଜିତ ହୁଏ । ପୂର୍ବରୁ ଏହା 'ସ୍ମିଥ ସୋନିଆଣ୍ଡ କାଇଟ୍ ଫେଷ୍ଟିଭାଲ' ଭାବେ ପରିଚିତ ଥିଲା । ୧୯୬୭ ମସିହା ମାର୍ଚ୍ଚ ୨୫ ତାରିଖରେ ପ୍ରଥମ ଥର ପାଇଁ ଗୁଡ଼ି ଉଡ଼ାଇବା ଉତ୍ସବ ଆରମ୍ଭ କରାଯାଇଥିଲା ଏଠାରେ । ଉତ୍ତମ ଫସଲ ଅମଳ ହୋଇଥିବାରୁ ଭଗବାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ବାଲି ଦ୍ୱୀପରେ ଗୁଡ଼ି ଉଡ଼ାଇବା ପର୍ବ ପାଳନ କରାଯାଏ । ଏଥିପାଇଁ ଏକ ପ୍ରତିଯୋଗିତା ଆରମ୍ଭ ହୋଇଥାଏ । ବିଭିନ୍ନ ଗୋଷ୍ଠୀର ଯୁବକମାନେ ୭୦-୮୦ ଦଳରେ ବିଭକ୍ତ ହୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରନ୍ତି । ଏମାନଙ୍କ ଦଳକୁ 'ବଞ୍ଜାର' ବୋଲି କୁହାଯାଏ । ଗୁଡ଼ି ଉଡ଼ାଇବା ପାଇଁ ସ୍ୱତନ୍ତ୍ର ଭାବେ ଥିବା ଯୁବକ ଦଳକୁ 'ସେବା ଲାୟଙ୍ଗାର' କୁହାଯାଏ । ପ୍ରଥମ ପୁରସ୍କାର ପାଇଁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ । ବାଲିର ପଦାଙ୍ଗ ଗାଲାଙ୍କ ଅଞ୍ଚଳରେ ଗୁଡ଼ି ପର୍ବର ବିଶେଷ ଆୟୋଜନ କରାଯାଉଛି ।

ରୂପେଲି ପରଦାରେ ଗୁଡ଼ି ଉଡ଼େଇବା ଦୃଶ୍ୟ ଯେପରି ମନୋଜ୍ଞ ସେହିପରି ରୋମାଞ୍ଚକର । ହୃଦୟରେ ପ୍ରେମଭାବକୁ ଉଜ୍ଜିବିତ କରିବା ସହିତ ଶାନ୍ତି ଓ ଆନନ୍ଦ ପ୍ରଦାନ କରିଥାଏ । ହିନ୍ଦୀ ଚଳଚ୍ଚିତ୍ର 'ହମ୍ ଦିଲ୍ ଦେ ଚୁକେ ସନମ୍'ରେ ଗୁଡ଼ି ଉଡ଼ାଇବା ଦୃଶ୍ୟ ଓ ଏ ସମ୍ପର୍କିତ ସଂଗୀତ ଅତ୍ୟନ୍ତ ମନମୁଗ୍ଧକର । ଏହା ସ୍ନେହ, ଶ୍ରଦ୍ଧା ଓ ପ୍ରେମର ପ୍ରତୀକ । ଅନ୍ୟ ଏକ ବହୁ ଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର 'ଅମ୍ବର ସରିୟା'ରେ ଗୁଡ଼ିକୁ ଭିତ୍ତି କରି ପ୍ରେମ କାହାଣୀ ଆଧାରିତ । ଗୁଡ଼ି ଉଡ଼ା ବାସ୍ତବ ଜୀବନର ପ୍ରତିଫଳନ ଏହା ଦେଖିବାକୁ ମିଳେ ହିନ୍ଦୀ ଚଳଚ୍ଚିତ୍ର 'ଯେ ଖୁଲା ଆସମାନ୍'ରେ । 'କାଇପୋଚେ' ହିନ୍ଦୀ ଚଳଚ୍ଚିତ୍ର ସମ୍ପୂର୍ଣ୍ଣ ଭାବେ ଭାରତୀୟ ପର୍ବ ଉପରେ ଆଧାରିତ ଗୁଡ଼ି ଉଡ଼ାକୁ ନେଇ ପ୍ରଦର୍ଶିତ ହୋଇଛି । ପ୍ରେମରସ ଉପରେ ଆଧାରିତ 'ରଇସ୍' ହିନ୍ଦୀ ଚଳଚ୍ଚିତ୍ରରେ ଗୁଡ଼ି ଉଡ଼ାଇବାର ଦୃଶ୍ୟ ଓ ଏହାର ଗୀତ ସାର୍ଥକ ପ୍ରେମ କାହାଣୀର ଚରମ ନିର୍ଦ୍ଦେଶନ ପ୍ରତିଫଳନ କରିଛି । ଅନ୍ୟ ଏକ ହିନ୍ଦୀ ଚଳଚ୍ଚିତ୍ର 'ଆର୍ଥ'ରେ ମଧ୍ୟ ଗୁଡ଼ି ଉଡ଼େଇବାର ଦୃଶ୍ୟ ଅତି ଭାବୋଦ୍ଦୀପକ ଓ ପ୍ରାଣସ୍ପର୍ଶୀ । କୋମଳମତି ବାଳକ-ବାଳିକା ମାନେ ଗୁଡ଼ି ଉଡ଼ାଇବାରେ ଅତ୍ୟଧିକ ଆନନ୍ଦ ନେଇଥାନ୍ତି । 'ଗଟୁ' ଚଳଚ୍ଚିତ୍ରରେ ଗୁଡ଼ିକୁ ଶିଶୁଙ୍କ ଆଶା ଓ ଅଭିଳାଷର ପ୍ରତୀକ ରୂପେ ବ୍ୟବହାର କରାଯାଇଛି । ହିନ୍ଦୀ ଚଳଚ୍ଚିତ୍ର ପରି ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ଗୁଡ଼ିକୁ ନେଇ ରହିଛି ଅନେକ ଗୀତ । ସେହି ଗୀତ ଗୁଡ଼ିକ ଓଡ଼ିଆ ସଙ୍ଗୀତ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଲବ୍ଧ ପ୍ରତିଷ୍ଠିତ ଗୀତିକାର, ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ଓ ବହୁଚର୍ଚ୍ଚିତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କ ସୁମଧୁର କଣ୍ଠରେ 'ଉଡ଼ି ଉଡ଼ି ଯାରେ ଗୁଡ଼ି' ଗୀତଟି ଅତ୍ୟନ୍ତ ଲୋକପ୍ରିୟ । ଓଡ଼ିଶାର କୋଣେ ଅନୁକୋଣରେ ଏବଂ ପ୍ରତ୍ୟେକ ଘରେ ଘରେ ଏହି ଗୀତଟିର ଯଥେଷ୍ଟ ଆଦର ରହିଛି । ପ୍ରତ୍ୟେକଙ୍କ ହୃଦୟକୁ ଛୁଇଁ ପାରିଥିଲା ଏହି କାଳଜୟୀ ଗୀତଟି । ପିଢ଼ି ପରେ ପିଢ଼ି ଅତିକ୍ରମ କରି ଯେତେ ଗୀତ ଆସିଲେ ବି ଏହି ଗୀତର ମାଧୁର୍ଯ୍ୟ ଭାବ ଓ ମୂର୍ଚ୍ଛନା ସବୁ ସମୟରେ ନିଆରା । ୧୯୬୮ ମସିହାରେ ମୁକ୍ତିଲାଭ କରିଥିବା ଏହି ଓଡ଼ିଆ ଚଳଚ୍ଚିତ୍ର ଥିଲା 'କିଏ କାହାର' । ଏହି ପ୍ରାଣସ୍ପର୍ଶୀ ଗୀତର ଗୀତିକାର ଥିଲେ ନାରାୟଣ ପ୍ରସାଦ ସିଂହ । ଓଡ଼ିଆ ଚଳଚ୍ଚିତ୍ର 'ପହିଲି ରଜ'ରେ ମଧ୍ୟ ଗୁଡ଼ି ଉଡ଼ାକୁ ନେଇ ରହିଛି ସ୍ୱତନ୍ତ୍ର ଆବେଦନ । ଗୁଡ଼ି କେବଳ ସାମୁହିକ ଆନନ୍ଦ ପାଇଁ ଉଦ୍ଦିଷ୍ଟ ତାହା ନୁହେଁ ଏଥିରେ ରହିଛି ଅନେକ ସୂକ୍ଷ୍ମ ଜୀବନ ଦର୍ଶନ ଚିନ୍ତାଧାରା । ଯାହା ମନୁଷ୍ୟର ଜୀବନ ଯାତ୍ରାକୁ ସାଫଲ୍ୟମଣ୍ଡିତ କରିପାରିବ । ଗୁଡ଼ି ସର୍ବଧର୍ମ ସମନ୍ୱୟର ପ୍ରତୀକ । ବାୟୁ ବା ପବନରେ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଡିସେମ୍ବରରୁ ଜାନୁଆରୀ ମାସରେ ସମଗ୍ର ଦେଶରେ ଗୁଡ଼ି ଉଡ଼ାଯାଏ । ବିଭିନ୍ନ କିସମର ଗୁଡ଼ି ଉଡ଼ାଯାଏ । ନେତା, ଅଭିନେତା, ଦେବା-ଦେବୀ ପ୍ରଭୃତି ପ୍ରତିଚ୍ଛବିର ଗୁଡ଼ିକୁ କେହି କେହି ଉଡ଼ାଇଥାନ୍ତି । ଗୁଡ଼ି ଉଡ଼େଇବା ପଛରେ ଅନେକ କାରଣ ରହିଛି ଏହା ନିଃସନ୍ଦେହ । ପୌଷ ମାସରେ ଅଧିକ ଶୀତ ଯୋଗୁ ଶରୀରରେ ଅନେକ ରୋଗ ଦେଖାଯାଏ । ଶୀତ ଦ୍ୱାରା ତ୍ୱଚା ଶୁଷ୍କ ହୋଇଥାଏ । କିନ୍ତୁ ଗୁଡ଼ି ଉଡ଼ାଇବା ଦ୍ୱାରା ସୂର୍ଯ୍ୟଙ୍କର ସିଧା କିରଣ ଶରୀର ଉପରେ ପଡ଼େ । ଏହାଦ୍ୱାରା ଶୀତ ଜନିତ ଅନେକ ରୋଗ ଭଲ ହୋଇଯାଏ । ଗୁଡ଼ି ଉଡ଼ାଇବା ପାଇଁ ସୂତାର ଆବଶ୍ୟକତା ଥାଏ ଯାହାକୁ ମାଞ୍ଜା ସୂତା କୁହାଯାଏ । କେତେକ କ୍ଷେତ୍ରରେ ଦେଖାଯାଏ ଅନ୍ୟର ଗୁଡ଼ିକୁ କାଟିବା ପାଇଁ ସାଧାରଣ ସୂତା ବଦଳରେ ପ୍ଲାଷ୍ଟିକ୍ ସୂତା ଓ କାଚ ଗୁଣ୍ଡ ବୋଳା ସୂତା ବ୍ୟବହାର ହେବାରୁ ଏହା ମନୁଷ୍ୟ ଓ ପଶୁ-ପକ୍ଷୀ ମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ୨୦୧୬ ମସିହାରେ ମାନ୍ୟବର ଓଡ଼ିଶା ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି ସୂତାର ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରାଗଲା । ଗୁଡ଼ି ଆମ କାଳଜୟୀ, ମହିମା ବିମଣ୍ଡିତ ଓ ଐତିହ୍ୟ ସମ୍ପନ୍ନ ସଂସ୍କୃତିର ପରିଚୟ । ଏହା ଜାତିର ଅସ୍ମିତାକୁ ଋଦ୍ଧିମନ୍ତ କରିବାରେ ସହାୟକ ହୋଇଥାଏ ।

# ତତ୍କାଳୀନ ସାମାଜିକ ବିପ୍ଳବର ସ୍ୱର



ମୀରା ବେଉରା
ରଘୁନାଥଜିଉ ମହାବିଦ୍ୟାଳୟ,
ଦେଉଳସାହି, କଟକ
ମୋ–୯୮୫୩୩୫୦୩୮୪

ଯେଉଁ ସମୟରେ ଊନବିଂଶ ଶତାବ୍ଦୀରେ ମଧ୍ୟଭାଗରେ ଓଡ଼ିଆ ମାନଚିତ୍ରରେ ଓଡ଼ିଆ ଭାଷା ସାହିତ୍ୟ ନିଷ୍ପ୍ରଭ ହୋଇଥିଲା। ପୁଣି ଯେଉଁ ସମୟରେ ଇଂରେଜ ଶାସନାଧୀନ ଓଡ଼ିଶାରେ ସାମନ୍ତବାଦର ପ୍ରାଦୁର୍ଭାବରେ ଏବଂ ଅତ୍ୟାଚାରରେ ଦରିଦ୍ର, ନିଷ୍ପେଷିତ ଓଡ଼ିଆ ଜାତି ନିଜ ଭିଟାମାଟି ଛାଡ଼ି ବୃତ୍ତି ଅନ୍ୱେଷଣ କରୁଥିଲା ରେଙ୍ଗୁନ୍ କଲିକତାରେ। ଗୋଟିଏ ପଟେ ଜମିଦାରୀ ପ୍ରଥା ଅତିମାତ୍ରାରେ ସମାଜକୁ କଳୁଷିତ କରୁଥିଲା ଏବଂ ଆଉ ଗୋଟିଏ ପଟେ ଓଡ଼ିଆ ଭାଷା ଯେତେବେଳେ ତାର ଭେକ ଆଉ ସ୍ୱାଭିମାନକୁ ହରାଇ ଭିକ୍ଷାଥାଳି ଧରି ବୁଲୁଛି ଆଉ ମାଗୁଛି ମୁଠାଏ ଜୀବନମାତ୍ର। ସବୁଠୁ ଦୁଃଖର କଥା ବଙ୍ଗୀୟ ଜମିଦାରମାନଙ୍କ କବଳରେ ଓଡ଼ିଆ ଜାତି ଏକବାର ଅଣନିଃଶ୍ୱାସୀ ହୋଇ ତ୍ରାହି ତ୍ରାହି ଡାକୁଥିଲା। ବଙ୍ଗୀୟ ଲେଖକମାନେ ଯେତେବେଳେ କହି ଉଠୁଥିଲେ, 'ଓଡ଼ିଆ ଏକଟା ଭାଷା ନୟ'। ଆଉ ଏହି ଧ୍ୱନିରେ ପୁଣି ଓଡ଼ିଆ ଭାଷାକୁ ଯେତେବେଳେ ବଙ୍ଗାଳୀ ଭାଷା ସହିତ ମିଶାଇ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଲା ଠିକ୍ ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେଉଁ ଯୋଗଜନ୍ମା ମହାପୁରୁଷ ଓଡ଼ିଆ ଜାତି ପ୍ରତି ଏଭଳି ଅପମାନକୁ ବରଦାସ୍ତ ନ କରି ଓଡ଼ିଆ ସାହିତ୍ୟରେ ଜାଗରଣ ପର୍ବ ଆରମ୍ଭ କରିଥିଲେ, ସେହି ସ୍ୱାଭିମାନୀ ଓଡ଼ିଆଙ୍କ ଭିତରେ କଥା ସମ୍ରାଟ ଫକୀର ମୋହନ ସେନାପତି ଥିଲେ ଅନ୍ୟତମ ସାହିତ୍ୟ ସ୍ରଷ୍ଟା। ସେଦିନ ୧୮୬୬ ମସିହାରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷର କ୍ଷୁଧାତୁର ଓଡ଼ିଆଙ୍କ ଆର୍ତ୍ତନାଦକୁ ବେଶ୍ ହୃଦୟଙ୍ଗମ କରିଥିଲେ ଫକୀର ମୋହନ ସେନାପତି। ତାଙ୍କ ସାହିତ୍ୟରେ ଆମେ କଳ୍ପନା ଅପେକ୍ଷା ତତ୍କାଳୀନ ଓଡ଼ିଶାର ସାମାଜିକ ରାଜନୈତିକ ଧାର୍ମିକ ବାସ୍ତବଚିତ୍ର ଅଧିକ ପରିମାଣରେ ଦେଖିବାକୁ ମିଳୁଥିଲା। ତାଙ୍କର ପ୍ରତ୍ୟେକ ଉପନ୍ୟାସରେ ଚିତ୍ରିତ ହୋଇଥିଲା ଗ୍ରାମୀଣ ଉତ୍କଳର ଗୌରିକ ଉତ୍କଟତା, ସମାଜର ବାସ୍ତବ ନିଖୁଣ ଚିତ୍ର। ୧୮୯୭ରୁ ୧୯୧୫ ମସିହା ମଧ୍ୟରେ ପ୍ରକାଶିତ ତାଙ୍କର ଏହି ଚାରୋଟି ଉପନ୍ୟାସ ଛ' ମାଣ ଆଠ ଗୁଣ୍ଠ, ଲଛମା, ମାମୁଁ, ପ୍ରାୟଶ୍ଚିତ, ତାଙ୍କୁ ଓଡ଼ିଆ ସାହିତ୍ୟ ଇତିହାସରେ ଚିର ଅମର କରି ରଖିପାରିଥିଲା। ଏହା ଦୁଇ ଶତାବ୍ଦୀ ବ୍ୟାପୀ ଓଡ଼ିଆ ଜୀବନଚିତ୍ରର ଏକ ଛିନ୍ନ ଚୌହଦି। ଜମିଦାରଙ୍କ ଜମିଲୋଭର ଶିକାର ହୋଇଛନ୍ତି କିପରି ଦୁଇ ନିରୀହ ପ୍ରାଣୀ ସାରିଆ ଓ ଭଗିଆ ତାହା ଅତି ସୁନ୍ଦର ଚମତ୍କାର ଭଙ୍ଗୀରେ ସେ ରଚନା କରିଥିଲେ ଉପନ୍ୟାସ 'ଛ' ମାଣ ଆଠଗୁଣ୍ଠ'ରେ। 'ମାମୁଁ' ହେଉଛି ଊନବିଂଶ ଶତାବ୍ଦୀ ମଧ୍ୟରେ ବ୍ୟବସ୍ଥିତ ଏକ ବିଷମ ସମୟ ଖଣ୍ଡର ବୃତଚିତ୍ର। ଗାଁ ଛାଡ଼ି ସହର ପ୍ରତି ଏବଂ ଚାକିରି ପ୍ରତି, ଇଂରାଜୀ ଭାଷା ପ୍ରତି କିପରି ଅନୁରାଗ ସୃଷ୍ଟି ହୋଇଛି ଓଡ଼ିଆ ଯୌଥ ପରିବାରର ଭ୍ରମ ସଂକୋଚନ ମୁଖୀ ଭବିଷ୍ୟତ ପାଇଁ କିପରି ବାଟ ଫିଟାଉଛି, ଫକୀରମୋହନ ଏହା ମାମୁଁ ଉପନ୍ୟାସରେ ଲେଖିଛନ୍ତି। ଏହାପରେ ଯୌଥ ପରିବାରର ବିପର୍ଯ୍ୟୟ ପରେ ଏକ ନବ୍ୟଶିକ୍ଷିତ ମଧ୍ୟବିତ୍ତବର୍ଗର ଅଭ୍ୟୁଦୟ ଏବଂ ନୂତନ ସଂସ୍କାର ନବଜାଗରଣ ପୃଷ୍ଠଭୂମିରେ 'ପ୍ରାୟଶ୍ଚିତ' ଉପନ୍ୟାସଟି ପରିକଳ୍ପିତ ଫକୀର ମୋହନ ସେନାପତି ଆଧୁନିକ ସମାଜର ଘନଘଟା ସମୟର ଘଟଣା ଗୁଚ୍ଛ ମଧ୍ୟରୁ ବାସ୍ତବତାକୁ ବାଛି ନେଇ ତା'ରି ଭିତରେ ସେ ନିଜ କାହାଣୀର କାୟାକଳ୍ପକୁ ନିର୍ମାଣ କରିଥିଲେ। ଅନେକ ଅବିସ୍ମରଣୀୟ ଚରିତ୍ରଗୁଡ଼ିକୁ ସେ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି ଭେଟି।

ତାଙ୍କର ନିଖୁଣ ଚରିତ୍ରଗୁଡ଼ିକ ତାଙ୍କପରି ଅନ୍ୟ କୌଣସି ଆଧୁନିକ ଓଡ଼ିଆ ଲେଖକ ଏତେ ସ୍ମରଣୀୟ ଚରିତ୍ର ସୃଷ୍ଟି କରିପାରିନାହାଁନ୍ତି ଆଜିଯାଏଁ। ରାମଚନ୍ଦ୍ର ମଙ୍ଗରାଜ ନାଜର ନଟବର ପରି ଜଟିଳ ଚରିତ୍ର ଯେପରି ଅଛନ୍ତି, ସାଆନ୍ତାଣୀ, ଶାରିଆ, ଭଗିଆପରି ସରଳ ଚରିତ୍ର ବି ସେମିତି ଓଡ଼ିଆ ପୁରପଲ୍ଲୀରେ ଏବେ ମଧ୍ୟ ପ୍ରବାଦ ପାଲଟିଛନ୍ତି। ରାଣ୍ଡିପୁଅ ଅନନ୍ତା, ଡାକ ମୁନ୍ସୀ ଏବଂ ରେବତୀ ଗଳ୍ପ ସତରେ ଆଜି ମଧ୍ୟ ଓଡ଼ିଆ ସାହିତ୍ୟର ଇତିହାସକୁ ଋଦ୍ଧିମନ୍ତ କରୁଛି। ପ୍ରକୃତରେ ଫକୀରମୋହନ ଥିଲେ ଓଡ଼ିଆ ସାହିତ୍ୟର ସର୍ବାଧିକ ସ୍ମରଣୀୟ ଚରିତ୍ରର ଅନତିକ୍ରାନ୍ତ ସ୍ରଷ୍ଟା।

ଫକୀର ମୋହନ ସାହିତ୍ୟକୁ ଏ ଜାତିର ଏକ ଫୁଙ୍ଗୁଳା ଫର୍ଦ୍ଦ କହିଲେ ଆଦୌ ଭୁଲ୍ ହେବନାହିଁ। ୧୮୧୭ ମସିହାର ପାଇକ ବିଦ୍ରୋହ ଥିଲା ଇଂରେଜମାନଙ୍କ ବିରୋଧରେ ଭାରତର ପ୍ରଥମ ମୁକ୍ତିସଂଗ୍ରାମ। ଏକ ବିପର୍ଯ୍ୟସ୍ତ, ଅବକ୍ଷୟ ଗ୍ରସ୍ତ, ଖଣ୍ଡିତ କଙ୍କାଳ ସଦୃଶ। ଅର୍ଦ୍ଧମୃତ ହୃତ ଗୌରବ ଓଡ଼ିଆ ଜାତିର ଓଡ଼ିଆ ଭାଷାର ସ୍ରଷ୍ଟାଭାବେ ଫକୀରମୋହନ ନିଜ ସୃଷ୍ଟି ସର୍ଜନା ମାଧ୍ୟମରେ ନିଜ କାଳଜୟୀ ଲେଖନୀ ମାଧ୍ୟମରେ ଏ ଜାତିର ଭାଷାଭଣ୍ଡାରକୁ ଦେଇଯାଇଛନ୍ତି ଅଜସ୍ର ଉପାଦେୟ ପୁସ୍ତକ। ଯେଉଁଥିରେ ସେ ସମୟର ସାମାଜିକର ଚିତ୍ର ଅଙ୍କିତ ହୋଇଥିଲା। ତାଙ୍କର କାଳଜୟୀ ତୀକ୍ଷ୍ଣ କଲମ ମୁନରେ ଆଙ୍କି ହୋଇଥିଲା ସାମନ୍ତବାଦୀ ସମାଜର ବାସ୍ତବ ନିଛକ ଚିତ୍ର ଏବଂ ଚରିତ୍ର।

ଆବାଲ୍ୟରୁ ଦୁଃଖକଷ୍ଟରେ ପରିପାଳିତ ହୋଇ ଖୁବ୍ କମ୍ ପାଠପଢ଼ି ନିଜର ଚିରରୁଗ୍ଣ ଶରୀର ସତ୍ତ୍ୱେ ପ୍ରତିବେଶୀ ପ୍ରଦେଶର ଓଡ଼ିଆ ଭାଷା ପ୍ରତି ମାରାତ୍ମକ ଷଡ଼ଯନ୍ତ୍ରକୁ ରକ୍ଷା କରିବା ପାଇଁ ଯେଉଁଭଳି ଦୃଢ଼ସଂକଳ୍ପବଦ୍ଧ ହୋଇ ଅକ୍ଳାନ୍ତ ପରିଶ୍ରମ ଓ ଅସୀମ ସାହସ ପ୍ରଦର୍ଶନ କରିଥିଲେ, ତାହା ଆଜି ନିଶ୍ଚିତ ବିସ୍ମୟ ସୃଷ୍ଟି କରିବ। ତାଙ୍କ ରଚିତ 'ଛ'ମାଣ ଆଠଗୁଣ୍ଠ' ସମସ୍ତ ପୃଥିବୀରେ ଏକ ଶ୍ରେଷ୍ଠ ଉପନ୍ୟାସ। ସେହିପରି ତାଙ୍କ ରଚିତ 'ଆତ୍ମ ଜୀବନୀ ଚରିତ' ସମଗ୍ର ପୃଥିବୀରେ ମଧ୍ୟ ଶ୍ରେଷ୍ଠ ସାହିତ୍ୟକୃତି। ସେଥିପାଇଁ ଆମେ ତାଙ୍କୁ କଥା ସମ୍ରାଟ ଫକୀର ମୋହନ ସେନାପତି କହିଥାଉ। କିନ୍ତୁ ତାଙ୍କର କର୍ମମୟ ଜୀବନ ବ୍ୟାପକ ହେଲେ ମଧ୍ୟ ସେ ସେଥିରେ ଆଦୌ ସନ୍ତୁଷ୍ଟ ନଥିଲେ। ସତ କହିବାକୁ ଗଲେ ଆମେ ଫକୀରମୋହନ ସାହିତ୍ୟକୁ ସାହିତ୍ୟର ଯୁଗାନ୍ତକାରୀ ବିଭବକୁ ଜାତୀୟସ୍ତରରେ ପ୍ରତିଷ୍ଠା କରିପାରିଲୁନାହିଁ। ଇଂରାଜୀକୁ ଛାଡ଼ିଦେଲେ ଅନ୍ୟ ପ୍ରାନ୍ତୀୟ ଭାଷାରେ ମଧ୍ୟ ଫକୀରମୋହନ ସାହିତ୍ୟକୁ ଅନୁଦିତ ହୋଇପାରିନାହିଁ। ଓଡ଼ିଆ ସାହିତ୍ୟକୁ ବିଶ୍ୱଦରବାରରେ ପହଞ୍ଚାଇଥିବା କଥା ସମ୍ରାଟ ଗାଳ୍ପିକ ଯଦିଓ ଆଜି ଆମ ଗହଣରେ ନାହାଁନ୍ତି, କିନ୍ତୁ ତାଙ୍କ ସମ୍ଭାର ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରି ତାଙ୍କୁ ଇତିହାସରେ ଚିରସ୍ମରଣୀୟ କରି ରଖିବ ଏଥିରେ ସନ୍ଦେହ ନାହିଁ। ୧୯୧୮ ମସିହାରେ ଏହି କାଳଜୟୀ ମହାପୁରୁଷ ଦେହତ୍ୟାଗ କଲେ ସତ ମାତ୍ର ତାଙ୍କର ସାହିତ୍ୟ ରହିଲା ଚିର ଅମର ହୋଇ।

# ଡେଜା ଡେଗଜା ଡେଜା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ
ମୋ. ୭୦୦୮୯୭୬୧୮୦

'ଡେଜା ଡେଗଜା ଡେଜା ମକର ପରବେ, ମାସ ପିଠା ହୋବେକ ମକରେ' ମକର ପର୍ବକୁ ସ୍ୱାଗତ କରିବା ପାଇଁ ଗ୍ରାମୀଣ ମୟୂରଭଞ୍ଜ ଜିଲ୍ଲାର ଏହା ଏକ ଲୋକପ୍ରିୟ ପଂକ୍ତି । ଓଡ଼ିଶାର ମୟୂରଭଞ୍ଜ ଓ କେନ୍ଦୁଝର ସମେତ ଛୋଟନାଗପୁର ମାଳ ଅଞ୍ଚଳ ଅନ୍ତର୍ଗତ ସମଗ୍ର ଝାଡଖଣ୍ଡ ରାଜ୍ୟ ଓ ପଶ୍ଚିମ ପଶ୍ଚିମବଙ୍ଗର ଏହା ଏକ ପ୍ରମୁଖ ପର୍ବ ହଳ ମିତାଙ୍ଗ ସଂସ୍କୃତିର ଏକ ଜ୍ୱଳନ୍ତ ନିଦର୍ଶନ । କୃଷକ ଓ ମିତ୍ର ଜାତିମାନେ ଏହି ପର୍ବ ପାଳନ କରୁଥିଲେ । ଏବେ ସମସ୍ତେ ପାଳନ କରୁଛନ୍ତି। ଏହି ପର୍ବ ଉପଲକ୍ଷେ ଗାଁ ଗହଳିରେ ପିଠାପଣା ଓ ଆନନ୍ଦ ଉଲ୍ଲାସର ଆସର ଜମେ । ବିଭିନ୍ନ ପ୍ରକାର ଖାଦ୍ୟର ପ୍ରକାର (ରିସେପି) ତିଆରି ହୁଏ । ଏହା ମଧ୍ୟରେ ସବୁଠାରୁ ଲୋକପ୍ରିୟ ହେଉଛି ମାସ ପିଠା (ମିଟ କେକ୍) ଏହା ସହିତ ତିଆରି ହୁଏ ଡୁମୁ ପିଠା (ମଣ୍ଡା ପିଠା), ଗୁଲା ପିଠା (କାକରା ପିଠା, ଗୁଳ ପିଠା (ଆରିସା ପିଠା), ଖାପରା ପିଠା (ଚିତଉ ପିଠା) ପ୍ରଭୃତି । ଅନ୍ୟ ଏକ ପ୍ରିୟ ଖାଦ୍ୟ ହେଉଛି ଲେଟ୍ (ମିଟ ଫ୍ରାଏଡ ରାଇସ୍) ଲେଟର ଅର୍ଥ ମିଶାଇବା ବା ଘାଣ୍ଟିବା । ସାଧାରଣ ଲୋକେ ଏଗୁଡ଼ିକର ଗାଉଁଲି ନାମ ଶୁଣି ଆଗ୍ରହ ଦେଖାନ୍ତି ନାହିଁ, କିନ୍ତୁ ବଡ ହୋଟେଲରେ ଇଂରାଜୀ ନାମ ଶୁଣି ଖାଇବାକୁ ମନ ବଳାନ୍ତି ।

ଖାଦ୍ୟପେୟ ସହିତ ମକରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ନାଚଗୀତ ହୁଏ, ଖେଳକୁଦ ପ୍ରତିଯୋଗିତା ହୁଏ, ଟୁସୁ ପରମ୍ପରାର ପାଳନବି ହୁଏ । ମାଦଳ, ଧୁମସା, ଢ଼ୋଲ ପ୍ରଭୃତି ବାଦ୍ୟ ଯନ୍ତ୍ରର ତାଳେ ତାଳେ ନାଚର ଆସର ମଧ୍ୟ ଜମେ । ବେଳେବେଳେ ମକର ପର୍ବର ପ୍ରଭାବରେ ଉନ୍ମାଦିତ ରସିକଟି ନିଜେ ନିଜେ ଗାଇ ଉଠେ ଡେଜା ଡେଗଜା ଡେଜା ମକର ପରବେ, ମାସ ପିଠା ହେବେକ ମକରେ । ଡେଜା ଡେଗଜା ଡେଜା ହେଉଛି ମାଦଳ ଓ ଢୋଲର ମିଳିତ ତାଳ । ବର୍ତ୍ତମାନର ପରିପ୍ରେକ୍ଷୀରେ ଏହି ପଂକ୍ତିର ଗୁରୁତ୍ୱ କିଛି ନଥାଇପାରେ । ଏବେ ବିଭିନ୍ନ ପ୍ରକାର ପର୍ବପର୍ବାଣୀ ଓ ଖାଦ୍ୟପେୟର ନାନବିଧ ବ୍ୟଞ୍ଜନ ଉପଭୋଗ କରୁଥିବା ଲୋକ ପାଇଁ ଏହା ତୁଚ୍ଛା କଥା ମନେ ହୋଇପାରେ କିନ୍ତୁ ଦୁଇ ଚାରି ଶତାବ୍ଦୀ ପଛକୁ ଗଲେ ଓ ସେ ସମୟର ମାନସିକତାକୁ ଅନୁଧ୍ୟାନ କଲେ ଜଣେ ସହଜରେ ଏହାର ଗୁରୁତ୍ୱକୁ ବୁଝିପାରିବ । କୃଷକ ଜାତି ଓ ତାଙ୍କ ମିତ୍ର ଜାତିମାନେ ବର୍ଷ ତମାମ କୃଷି କାର୍ଯ୍ୟରେ ଲିପ୍ତ ରହି, କଠୋର ପରିଶ୍ରମ କରି, ଧାନ ଅମଳ ଓ ସାଇତି ସାରିଲା ପରେ ଆବେଗତାର ସହିତ ଅପେକ୍ଷା କରିଥାନ୍ତି ଏହି ପର୍ବର ଆଗମନକୁ । ବେଳେବେଳେ ଗାଇ ଉଠନ୍ତି ଏହି ପଂକ୍ତିଟି ସ୍ୱାଦିଷ୍ଟ ଭୋଜନ ଓ ବାଦ୍ୟର ସ୍ମୃତିଚାରଣ କରି ।

> ଖାଦ୍ୟପେୟ ସହିତ ମକରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ନାଚଗୀତ ହୁଏ, ଖେଳକୁଦ ପ୍ରତିଯୋଗୀତା ହୁଏ, ଟୁସୁ ପରମ୍ପରାର ପାଳନବି ହୁଏ ମାଦଳ, ଧୁମସା, ଢ଼ୋଲ ପ୍ରଭୃତି ବାଦ୍ୟ ଯନ୍ତ୍ରର ତାଳେ ତାଳେ ନାଚର ଆସର ମଧ୍ୟ ଜମେ ବେଳେବେଳେ ମକର ପର୍ବର ପ୍ରଭାବରେ ଉନ୍ମାଦିତ ରସିକଟି ନିଜେ ନିଜେ ଗାଇ ଉଠେ ଡେଜା ଡେଗଜା ଡେଜା ମକର ପରବେ, ମାସ ପିଠା ହେବେକ ମକରେ ଡେଜା ଡେଗଜା ଡେଜା ହେଉଛି ମାଦଳ ଓ ଢୋଲର ମିଳିତ ତାଳ ।

ମକର ଏକ କୃଷିଭିତ୍ତିକ ପର୍ବ । ସମଗ୍ର ଛୋଟନାଗପୁର ମାଳ ଅଞ୍ଚଳରେ ଏହାକୁ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରାଯାଏ । ଏହା ଜାନୁଆରୀ ମାସରେ ସଂକ୍ରାନ୍ତି ଦିନ ପଡେ, ଯାହା ମକର ସଂକ୍ରାନ୍ତି ଭାବେ ଖ୍ୟାତ । ଏହିଦିନ ସକାଳୁ ମକର ବୁଡ ପକାଯାଏ । ଛୋଟନାଗପୁର ମାଳ ଅଞ୍ଚଳରେ ଜଳାଶୟ ନିକଟରେ ଅନେକ ଗୁଡିଏ ମକର କୁମା ତିଆରି କରିବାର ପରମ୍ପରା ରହିଛି । କୁମା ହେଉଛି ଡାଳ ପତ୍ରରେ ତିଆରି ଏକ ପ୍ରକାର କୁଡ଼ିଆ । କିଶୋର ଓ ଯୁବକମାନେ କୁକୁଡା ଡାକରୁ ଉଠି ଜଳାଶୟରେ ମକର ବୁଡ ପକାନ୍ତି । ପୂର୍ବେ ଗାଁରେ ଲୋକମାନେ କୁକୁଡ଼ା ଡାକରୁ ଜାଣୁଥିଲେ ପାହାନ୍ତିଆ ହୋଇ ଆସିବାର ସମୟ । ମକର ବୁଡ ଦେଇସାରି କୁମା ଗୁଡିକୁ ଗୋଟିଏ ପରେ ଗୋଟିଏ ଜଳାଯାଏ ଓ ଗରମ ତାପ ନିଆଯାଏ । କେତେକେ ଏହି ସମୟରେ ବାଣ ବି ଫୁଟାନ୍ତି । ପୂର୍ବେ ଝରିଆଡ଼େ ଗଛଲତା ପରିପୂର୍ଣ୍ଣ ଥିଲା ତେଣୁ କୁମା ତିଆରିରେ ଅସୁବିଧା ହେଉନଥିଲା । ଏବେ ଜଙ୍ଗଲ ସୁରକ୍ଷା ସଚେତନତା ଯୋଗୁଁ କୁମାର ଆକାର ଛୋଟ ହୋଇଯାଇଛି । ତାଳ ବରଡା ଓ ଖଜୁରୀ ପତ୍ରରେ କାମ ଚଳୁଛି । ସ୍ୱଚ୍ଛ ଜଳାଶୟର ଅଭାବ ଯୋଗୁଁ କେତେକ ସ୍ଥାନରେ ଏ ପରମ୍ପରା ବନ୍ଦ ହୋଇଗଲାଣି ।

ମକରର ପୂର୍ବଦିନକୁ ବାଉଣ୍ଡି ବୋଲି କୁହାଯାଏ ଓ ପରଦିନକୁ ଆଖାନ ବୋଲି କୁହାଯାଏ । ଆଖାନ ଦିନ ସକାଳୁ ପିଲାମାନଙ୍କ ପେଟରେ ଚିଲୁଦାଗ ଦିଆଯାଉଥିଲା । ଦାଉଲିର ଗରମ ଅଗକୁ ନାହି ଝରିପଟେ ଚେଙ୍କା ଯାଉଥିଲା । ଏହାଦ୍ୱାରା ପେଟରୋଗ ହୁଏ ନାହିଁ ବୋଲି ବିଶ୍ୱାସ ଥିଲା । ଏବେ ଏହାକୁ ଅନ୍ଧବିଶ୍ୱାସ କହି ଅନେକେ ଛାଡି ସାରିଲେଣି । ଦାମୁଡ଼ିଆ ଗୋରୁମାନଙ୍କୁ ମଧ୍ୟ ଚେଙ୍କ ଚିହ୍ନ ଦିଆ ହେଉଥିଲା । ଏହାବି ଉଠି ଗଲାଣି । ଏବେ ଅନେକଙ୍କ ଘରେ ଆଉ ଗୋରୁଗାଈ ନାହାଁନ୍ତି । ବଳଦ-ପଣ୍ଡା ବଦଳରେ ଟ୍ରାକ୍ଟର-ପାୱାର ଟିଲର ଆସିଗଲାଣି । ଆଖାନ ଦିନକୁ ଶୁଭଦିନ ବୋଲି ମନାଯାଏ । ଏହି ଦିନରୁ ନୂଆ କାର୍ଯ୍ୟ ଆରମ୍ଭ ହୁଏ । ଘର ଶୁଭଦେବା, ପୁଅଝିଅ ପାଇଁ କନ୍ୟାବର ଦେଖିବା, ପୋଖରୀ କୂଅ ଖୋଳିବା ଇତ୍ୟାଦି କାମ ଆରମ୍ଭ ହୁଏ । ଟୁସୁ ପରମ୍ପରା ଏହି ପର୍ବର ଅନ୍ୟତମ ଆକର୍ଷଣ କୁଆଁରୀ କନ୍ୟାମାନେ ଏହା ପାଳନ କରନ୍ତି ।

ଉଲ୍ଲେଖିତ ସମସ୍ତ ଅଞ୍ଚଳରେ ଜାନୁଆରୀ ମାସକୁ ମକର ମାସ କୁହାଯାଏ । ମାସସାରା ପର୍ବର ମାହଲ ରହେ । ଯେଉଁମାନେ ବାହାରେ କାମ କରୁଥାନ୍ତି ସେମାନେ ଏହି ମକର ସମୟରେ ନିଶ୍ଚୟ ଘରକୁ ଆସନ୍ତି । ପରିବାରର ସଦସ୍ୟମାନେ ମିଳିତ ହୁଅନ୍ତି ମିତ୍ର ଜାତିମାନଙ୍କୁ ପିଠା ପାଉଣା ଦେଇ ବିଦା କରାଯାଏ । ହଳ ମିତାଂ ସଂସ୍କୃତି ଅନ୍ତର୍ଗତ ଜାତିମାନଙ୍କ ମଧ୍ୟରେ କୌଣସି ଭେଦଭାବ ନଥାଏ । ସମସ୍ତେ ମିଳିମିଶି ଏ ପର୍ବକୁ ପାଳନ କରନ୍ତି । ପରିବାରର ସଦସ୍ୟମାନେ ନୂଆଲୁଗା ପିନ୍ଧନ୍ତି । ବର୍ଷ ସାରାର କ୍ଳାନ୍ତି ଓ କ୍ଲେଶକୁ ଭୁଲି ନୂଆ ଉତ୍ସାହରେ ପୁଣିଥରେ କାମକୁ ଓହ୍ଲାନ୍ତି । ମକର ପର୍ବକୁ ମନେ ପକାଇ ବେଳେ ବେଳେ ଗାଇ ଉଠନ୍ତି 'ଡେଜା ଡେଗଜା.......' ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ପଶ୍ଚିମ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ହେବ ଗବେଷଣା : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଦେଶକୁ ସ୍ୱତନ୍ତ୍ରତା ଦେବାରେ ଶହୀଦ ବୀର ଛବିଳ ସାଏଙ୍କ ସମେତ ପଶ୍ଚିମ ଓଡ଼ିଶାର ବୀର ସଂଗ୍ରାମୀ ମାନଙ୍କର ଭୂମିକା ଏବଂ ସେମାନଙ୍କ ବଳିଷ୍ଠ ଯୋଗଦାନ ଉପରେ ଗବେଷଣା କରିବା ପାଇଁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଭାରତୀୟ ଇତିହାସ ଗବେଷଣା ପରିଷଦ (ଆଇସିଏଚଆର), ଓଡ଼ିଶାର ଇତିହାସ ଗବେଷକଗଣ ଏବଂ ନ୍ୟାସନାଲ ବୁକ ଟ୍ରଷ୍ଟ ସହ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଛନ୍ତି।

ଏହି ବୈଠକରେ ଓଡ଼ିଶାର ବିଶିଷ୍ଟ ଇତିହାସ ଗବେଷକ ହରିହର ପଣ୍ଡା, ଦୀପକ ପଣ୍ଡା, ଚଣ୍ଡୀ ପ୍ରସାଦ ନନ୍ଦ, ବିଭୂଦତ୍ତ ମିଶ୍ରଙ୍କ ସମେତ ଆଇସିଏଚଆର ଓ ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଆଲୋଚନା କାଳରେ ପଶ୍ଚିମ ଓଡ଼ିଶାର ସଂଗ୍ରାମୀ ମାନଙ୍କ ଅବଦାନକୁ ଗବେଷଣା କରିବା ସହ ପୂର୍ଣ୍ଣାଙ୍ଗ ପୁସ୍ତକର ରୂପ ଦେବା ଉପରେ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ୧୮୫୭ ମସିହା ଡିସେମ୍ବର ୩୦ରେ ସମ୍ବଲପୁରର କୁଦୋପାଲି ଘାଟିରେ ବ୍ରିଟିଶଙ୍କ ଗୁଳିରେ ଶହୀଦ ହୋଇଥିବା ତୁଙ୍ଗବୀର ଛବିଳ ସାଏ ଏବଂ ତାଙ୍କର ୫୭ ଜଣ ସଂଗ୍ରାମୀମାନଙ୍କ ବଳିଦାନ ଉପରେ ଗବେଷଣା ତଥା ଅଧ୍ୟୟନ କରିବା ସହ ଔପଚାରିକ ଭାବେ ଏହାକୁ ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ପ୍ରକାଶନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି



କୁଦୋପାଲି ବ୍ୟତୀତ ଏହି ମହାନ ସଂଗ୍ରାମରେ ରକ୍ତରଞ୍ଜିତ ହୋଇଥିବା ଅନ୍ୟାନ୍ୟ ସ୍ଥାନ ଯଥା ରଇଣ୍ଡା, କୁଲୁଣ୍ଡା, ଗଡପାଟି, ଝରଘାଟି, ସିଂଘୋଡା, ଚିତାଖାଇ ଆଦିକୁ ମଧ୍ୟ ଏହି ଗବେଷଣାରେ ସାମିଲ କରି ଏହି ସ୍ଥାନ ଗୁଡିକର ନେତୃତ୍ୱ ନେଇଥିବା ସଂଗ୍ରାମୀଙ୍କ ଅବଦାନ ଉପରେ ତଥ୍ୟ ଯୋଗାଡ କରିବା ପାଇଁ ଶ୍ରୀ ପ୍ରଧାନ କହିଥିଲେ।

ଓଡ଼ିଶାର ସ୍ୱତନ୍ତ୍ରତା ସଂଗ୍ରାମର ଅନେକ ଅକୁହା କଥା ଓ ଗାଥା ଅଛି। ଇତିହାସ ପୃଷ୍ଠାରେ ଅନାଲୋଚିତ ଅଜଣା ନାୟକମାନଙ୍କୁ ଖୋଜି ସେମାନଙ୍କୁ ରାଷ୍ଟ୍ରୀୟ ସ୍ତରରେ ପରିଚିତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ କରିଛନ୍ତି। ଅନାଲୋଚିତ ସଂଗ୍ରାମୀଙ୍କ ବୀରଗାଥାକୁ ଲୋକଲୋଚନକୁ ଆଣିବା ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି। ଏହି କ୍ରମରେ ଶ୍ରୀ ପ୍ରଧାନ ବୈଠକ ପରେ ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ଏବଂ ଏହି ସଂଗ୍ରାମରେ ବୀର ଛବିଳ ସାଏ ଏବଂ ଶହୀଦ ହୋଇଥିବା ତାଙ୍କର ଅନ୍ୟ ୫୭ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକା ଉପରେ ଅଧ୍ୟୟନ କରିବା ପାଇଁ ଏକ ଗବେଷଣା ପ୍ରକଳ୍ପ ଆରମ୍ଭ କରିବା ପାଇଁ ଆଇସିଏଚଆରର ଚେୟାରମ୍ୟାନ ପ୍ରଫେସର ରଘୁବେନ୍ଦ୍ର ତନୱାରଙ୍କୁ ପତ୍ର ଲେଖି ଜଣାଇଛନ୍ତି।

# ବଡ଼ାଦେଓ ମନ୍ଦିର ସମ୍ପୂର୍ଣ୍ଣ ପାଇଁ ଦେଢ଼ କୋଟି ମଞ୍ଜୁର

**ରାଇଘର,ନ୍ୟୁଜ୍‌ବ୍ୟୁରୋ**

ରାଇଘର: ୧୩/୦୧ ରାଇଘର ବ୍ଲକ ଅନ୍ତର୍ଗତ ପତ୍ରକୋଟି ଠାରେ ବଡ଼ାଦେଓ ପେନଠାନା (ଗୁଡି) ମନ୍ଦିରର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କୁ ନବରଙ୍ଗପୁର ଜିଲ୍ଲା ଗସ୍ତ ସମୟରେ କମିଟିର କର୍ମକର୍ତ୍ତା, ସଭ୍ୟ ଭେଟି ଅସମ୍ପୂର୍ଣ୍ଣ ଗୁଡ଼ିକୁ ସଂପୂର୍ଣ୍ଣ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନଙ୍କ ପ୍ରଚେଷ୍ଟାରେ



ମୁଖ୍ୟମନ୍ତ୍ରୀ ତୁରନ୍ତ ଏହାର ସୁବିଚାର କରି ରାଇଘର ବ୍ଲକ୍ ଅନ୍ତର୍ଗତ ପତ୍ରକୋଟି ଠାରେ ଗଣ୍ଡାନା ବିକାଶ ମଣ୍ଡଳ ତରଫରୁ ବିଗତ ୨୦୧୧ ମସିହାରେ ଆରମ୍ଭ କରାଯାଇ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଗଣ୍ଡ ଜନଜାତିର ଆସ୍ଥା, ବିଶ୍ୱାସର ପ୍ରତୀକ ବଡ଼ ଦେବଙ୍କ ପେନଠାନା (ଗୁଡି)ମନ୍ଦିରକୁ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଏକ କୋଟି ପଚାଶ ଲକ୍ଷ୍ୟ ଟଙ୍କା ମଞ୍ଜୁର କରାଯାଇଛି। ଗଣ୍ଡ ଜନଜାତି ଏକ ପ୍ରାଚୀନ ଜନଜାତି, ତାଙ୍କର ଚାଲିଚଳନ, ଜୀବନ ଜୀବିକା ସ୍ୱତନ୍ତ୍ର ଅଟେ। ଗଣ୍ଡ ଜନଜାତି ପ୍ରକୃତିର ରକ୍ଷକ ଓ ସେବକ ଗଣ୍ଡ ସମ୍ପ୍ରଦାୟର ଧର୍ମ ଗୁରୁ ପହାନଦି ପାରିକୁପା ଲିଙ୍ଗଗୋଙ୍କ ଦିଗ୍‌ଦର୍ଶନ ଅନୁସାରେ ପାରିବାରିକ, ସାମାଜିକ ରୀତି ନୀତି ପରିଚାଳିତ ହୋଇଆସୁଛି।

ବଡ଼ାଦେଓଙ୍କ ଗୁଡି ବା ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଆର୍ଥିକ ସହାୟତା ବାବଦକୁ ଏକ କୋଟି ପଚାଶ ହଜାର ଟଙ୍କା ମଞ୍ଜୁର କରିଥିବାରୁ ଗଣ୍ଡାନା ବିକାଶ ମଣ୍ଡଳ ରାଇଘରରେ ସମସ୍ତ କର୍ମକର୍ତ୍ତା, ସଭ୍ୟ ସଭ୍ୟାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଗଣ୍ଡ ସମାଜ ର ସଭାପତି ମଣିରାମ ଗଣ୍ଡ, ସମ୍ପାଦକ ଫଗନୁ ରାମ ଗଣ୍ଡ, ଜିଏସୟୁ ସଭାପତି ନକୁଳ ଗଣ୍ଡ, ମହେଶ୍ୱର ଧୂରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨ୟ ଟି-୨୦ : ଆଫଗାନିସ୍ତାନକୁ ୬ ୱିକେଟରେ ହରାଇଲା ଭାରତ

**ଇନ୍ଦୋର**

ଇନ୍ଦୋରର ହୋଲକାର ଷ୍ଟାଡିୟମ ଠାରେ ରବିବାର ଖେଳାଯାଉଥିବା ୨ୟ ଟି-୨୦ରେ ଆଫଗାନିସ୍ତାନକୁ ୬ ୱିକେଟରେ ପରାସ୍ତ କରିଛି ଭାରତ। ଆଫଗାନିସ୍ତାନ ଦ୍ୱାରା ରଖାଯାଇଥିବା ୧୭୩ ରନର ଲକ୍ଷ୍ୟକୁ ଭାରତ ୧୫.୪ ଓଭରରେ ୪ ୱିକେଟ ହରାଇ ହାସଲ କରିନେଇଥିଲା। ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୬୮ ରନ କରିଥିବାବେଳେ ଶିବମ ଦୁବେ ୬୩ରନ କରିଥିଲେ। ବିରାଟ କୋହଲି ୨୯ ରନ କରିଥିଲେ। ଏହି ବିଜୟ ସହ ଭାରତ ସିରିଜରେ ୨-୦ରେ ଆଗୁଆ ହୋଇଯାଇଛି।

ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି



ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆଫଗାନ ବ୍ୟାଟ୍ସମ୍ୟାନ ମାନେ ଆରମ୍ଭରୁ ସତର୍କତାର ସହ ଖେଳିଥିଲେ ବି ପରେ ୨୦ ରନରେ ପ୍ରଥମ ୱିକେଟ ହରାଇଥିଲା। କିନ୍ତୁ ଗୁଲବଦିନ ନଇବ ଢୁଆ ବ୍ୟାଟିଂ କରି ସର୍ବାଧିକ ୫୭ ରନ କରିଥିଲେ। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ନଜିବୁଲ୍ଲା ଜଦରାନ ୨୩ ରନ କରିଥିବା ବେଳେ କରିମ ଜନତ ୨୦ ରନ କରିଥିଲେ। ସେହିପରି ମୁଜିବୁର ରେହମାନ ୨୧ ରନ କରିଥିଲେ। ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୧୭୧ ରନ କରିପାରିଥିଲା। ମ୍ୟାଚ୍‌ର ଶେଷ ବଲରେ ଫଜଲାହକ ଫାରୁକି ରନ ଆଉଟ୍ ହୋଇଥିଲେ।

ଭାରତ ପକ୍ଷରୁ ଅର୍ଶଦୀପ ସିଂ ୩ଟି ୱିକେଟ ନେଇଥିବାବେଳେ ରବି ବିଷ୍ଣୋଇ ଓ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଗତ ୧୧ ତାରିଖରେ ଖେଳାଯାଇଥିବା ପ୍ରଥମ ଟି୨୦ରେ ଭାରତ ଆଫଗାନିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା।

# ଟାଟା ଷ୍ଟିଲ ମେଡିକା ହସ୍‌ପିଟାଲର ହିପ୍ ରିପ୍ଲେସମେଣ୍ଟ ସଫଳତାର ସହ ସମ୍ପନ୍ନ



**ଯାଜପୁର,ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ଜୀବନ ପ୍ରତି ବିପଦ ଥିବା ଜଣେ ରୋଗୀଙ୍କୁ ଠିକ୍ ସମୟରେ ଜଟିଳ ଅଙ୍ଗ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ କରିଛି, ଯାହାକି ଏହି ଅଞ୍ଚଳରେ ପ୍ରଥମ। ରମେଶ ପ୍ରଧାନ (ରୋଗୀ ଛଦ୍ମନାମ) ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା।ପୂର୍ବରୁ ଜଙ୍ଘ ହାଡ଼ ଫ୍ୟାକ୍‌ଚର୍ ପାଇଁ ଚିକିତ୍ସିତ ହେଇଥିବା ରମେଶ ଅସ୍ତ୍ରୋପଚାର ପରେ ବାରମ୍ବାର ହିପ୍ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ। ଡାକ୍ତର ଦେବାଶିଷ ପରିଜାଙ୍କ ନେତୃତ୍ୱରେ ଡାକ୍ତରଖାନାର ଜରୁରୀକାଳୀନ ଟିମ୍ ଏକ ସମୀକ୍ଷା କରିବା ପରେ ଇମ୍ପ୍ଲାଣ୍ଟ ହଟାଇବା ଏବଂ ସମ୍ପୂର୍ଣ୍ଣ ହିପ୍ ରିପ୍ଲେସମେଣ୍ଟକୁ ନେଇ ଦୁଇ ପର୍ଯ୍ୟାୟ ଯୋଜନା କାର୍ଯ୍ୟକାରୀ କରିଥିଲେ। ଅସ୍ତ୍ରୋପଚାର ପରେ, ସେ ଅଙ୍ଗର ଲମ୍ବ ଫେରି ପାଇଥିବା ସହ ଯନ୍ତ୍ରଣାମୁକ୍ତ ଏବଂ ସ୍ଥିର ଅନୁଭବ କରିଥିଲେ। ଏହି ଉଲ୍ଲେଖନୀୟ ଘଟଣା ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲର ଜଟିଳ ଏବଂ ଏକାଧିକ ଅସ୍ତ୍ରୋପଚାର କରିବାର କ୍ଷମତାକୁ ଦର୍ଶାଉଛି ଯାହା ସାଧାରଣତଃ ଦେଶର କେବଳ ବଡ଼ ଡାକ୍ତରଖାନାରେ କରାଯାଏ। ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଏବଂ ଏହି ଅଞ୍ଚଳରେ ଏକ କ୍ରିଟିକାଲ୍ କେୟାର ହବ୍ ଭାବରେ ଉଭା ହୋଇଛି।

# ଜଳେଶ୍ୱରକୁ ପ୍ରବେଶ ଦ୍ୱାର ଫ୍ଲାଏ ଓଭରବ୍ରିଜ୍ ଉଦ୍‌ଘାଟିତ

**ଜଳେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲାର ୬୦ନଂ ଜାତୀୟ ରାଜପଥରୁ ଜଳେଶ୍ୱର ପ୍ରବେଶପଥ ଠାରେ ଚାଲନ୍ତିଠାରେ ନିର୍ମାଣ ହୋଇଥିବା ରେଳ ଅଭରବ୍ରିଜ୍‌କୁ ଦୁଇ ଥର ଉଦ୍‌ଘାଟନ ହେଇଥିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୁଣି ଉକ୍ତ ରେଳ ଓଭରବ୍ରିଜକୁ ୨୦୨୪ ନିର୍ବାଚନ ପାରିହେବା ପାଇଁ ଉଦ୍‌ଘାଟନ ହେଉଛି ବୋଲି ବିଜେପି ଟାଉନ ସଭାପତି ଫାଲଗୁନ ପାଣିଗ୍ରାହୀ ମତ ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନକୁ ଓଡ଼ିଶାର ପୂର୍ତ୍ତ ବିଭାଗର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱନୀ ପାତ୍ର ମିଳିତଭାବେ ଉଦ୍‌ଘାଟନ କରିଛନ୍ତି। ଫଳରେ ଦୀର୍ଘଦିନ ଧରି ବାଦାନୁବାଦ ପୂର୍ଣ୍ଣଚ୍ଛେଦ ପଡିଛି ବୋଲି ବିଜେଡ଼ି ନେତାମାନେ କହୁଛନ୍ତି। ୨୦୧୬ ମସିହାରେ ଚାଲନ୍ତିଠାରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ପ୍ରଚେଷ୍ଟା ଆରମ୍ଭ ହୋଇଥିଲ।

# କିଶୋର କୁମାର ଜେନା, ବିଜୟ କୁମାର ଶତପଥୀ ପାଇବେ ଓସ୍‌ଜା ପୁରସ୍କାର

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ଚୀନ୍‌ର ହାଙ୍ଗଝୌରେ ଆୟୋଜିତ ଏସୀୟ କ୍ରୀଡ଼ାରେ ରୌପ୍ୟ ବିଜେତା ଜାଭେଲିନ ଫିଙ୍ଗାଳି କିଶୋର କୁମାର ଜେନା ଏବଂ ଅର୍ଜୁନ ବିଜେତା ପୂର୍ବତନ ଭାରୋତ୍ତୋଳକ ତଥା ଭେଟେରାନ ପ୍ରଶିକ୍ଷକ ବିଜୟ କୁମାର ଶତପଥୀ ଚଳିତ ବର୍ଷର ଓଡ଼ିଶା କ୍ରୀଡ଼ ସାମ୍ବାଦିକ ସଂଘ (ଓସ୍‌ଜା) ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପ୍ରତି ବର୍ଷ ଓସ୍‌ଜା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। କିଶୋର ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ବିଜୟ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ ହବେ। ପୁରସ୍କାର ସ୍ୱରୂପ ଉଭୟଙ୍କୁ ମାନପତ୍ର, ଉପଢ଼ୌକନ ଏବଂ ଆର୍ଥିକ ରାଶି ପ୍ରଦାନ କରାଯିବ।



ଆସନ୍ତା ୧୭ ତାରିଖରେ ପୁରସ୍କାର ସମାରୋହ ଆୟୋଜିତ ହେବ।

୨୦୨୩ କିଶୋରଙ୍କ ଖେଳ ଜୀବନରେ ଥିଲା ଶ୍ରେଷ୍ଠ ବର୍ଷ। ପ୍ରଥମ ଓଡ଼ିଆ ଜାଭେଲିନ ଫିଙ୍ଗାଳି ଭାବେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିବା ସହ ଚମତ୍କାର ପ୍ରଦର୍ଶନ କରି ଫାଇନାଲରେ ପଞ୍ଚମ ସ୍ଥାନରେ ରହିଥିଲେ। ସେମିତି ହାଙ୍ଗଝୌ ଏସୀୟ କ୍ରୀଡ଼ାରେ ଅଲିମ୍ପିକ୍ସ ଚାମ୍ପିଅନ ନୀରଜ ଚୋପ୍ରାଙ୍କ ସହ ଫାଇନାଲରେ କଡ଼ା ଟକ୍କର ଦେଇ ଶେଷରେ ରୌପ୍ୟ ପଦକ ଜିତିଥିଲେ। ସେ ନିଜର ଚତୁର୍ଥ ପ୍ରୟାସରେ (୮୭.୫୪ ମିଟର) ଶ୍ରେଷ୍ଠ ପ୍ରଦର୍ଶନ ଦେଇ ଦ୍ୱିତୀୟ ସ୍ଥାନ ହାସଲ କରିଥଲେ। କିନ୍ତୁ ସେ ତୃତୀୟ ପ୍ରୟାସରେ (୮୬.୭୭ ମିଟର) ପ୍ୟାରିସ୍ ଅଲିମ୍ପିକ୍ସ ଯୋଗ୍ୟତା ଲାଭ କରିବାରେ ସଫଳ ହୋଇଥାନ୍ତେ।

ଭେଟେରାନ କୋଚ୍ ବିଜୟ ଶତପଥୀ ଖେଳ ଜୀବନରେ ଜିତିଥିଲେ। ୫ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପଦକ ୧୯୮୧ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୧୯୮୧ ଓ ୧୯୮୩ ଏସିଆନ ଚାମ୍ପିଅନସିପ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଏବଂ ୧୯୦ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିଲେ। ୧୯୮୧ ମସିହାରେ ବିଜୟଙ୍କୁ ମିଳିଥିଲା ଅର୍ଜୁନ ପୁରସ୍କାର। ଖେଳ ଛାଡ଼ିବା ପରେ ସେ ପ୍ରଶିକ୍ଷଣ ଜୀବନକୁ ଆପଣେଇ ନେଇଥିଲେ।

# ରତାଦିଆ ଖଣ୍ଡସାହି ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା,ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ରତାଦିଆ ଖଣ୍ଡସାହି କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ମଣ୍ଡିକୁ ଏଆରସିଏସ ସନ୍ତୋଷ କୁମାର ଦାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ସଭାପତି ବିମଳକାନ୍ତ ତ୍ରିପାଠୀ, ସଂପାଦକ ସୁବୋଧ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ମଣ୍ଡିକୁ ଧାନ ନେଇ ଆସୁଥିବା ଚାଷୀମାନେ ସରକାରୀ ନିୟମ ମୁତାବକ ସମସ୍ତ ସୁବିଧା ସୁଯୋଗ ପାଇବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଏଥି ସହିତ ଯେଭଳି ଚାଷୀଙ୍କର କୌଣସି ଅସୁବିଧା ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସଭାପତି ବିମଳକାନ୍ତ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ସୁନିତା ବଳ, ପରିଚାଳନା ପରିଷଦର ସଭ୍ୟ ମଦନ ମୋହନ ସାହୁ, ପ୍ରଶାନ୍ତ ଭଦ୍ର, ଶୁଭେନ୍ଦୁ ଭଦ୍ର, ରଂଜନ ଲେଙ୍କା, ସରୋଜକାନ୍ତ ଦାସ, ଟୁନିପ୍ରଭା ଭଦ୍ର, ନିରନ ତ୍ରିପାଠୀ, ପ୍ରମୋଦ ଭଦ୍ର, ଧ୍ରୁବ ଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଜଗମୋହନ ହାଇସ୍କୁଲ ୧୯୮୫ ବ୍ୟାଚ୍ ବନ୍ଧୁମିଳନ

**ମହାକାଳପଡା,ନ୍ୟୁଜ୍‌ବ୍ୟୁରୋ**

ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଡାଙ୍ଗ ସ୍ଥିତ ଜଗମୋହନ ଉଚ୍ଚବିଦ୍ୟାଳୟର ୧୯୮୫ ବ୍ୟାଚ୍ ବନ୍ଧୁମିଳନ ଗତ ୧୪ ତାରିଖରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯୮୫ ବ୍ୟାଚ୍ ଛାତ୍ରୀ ଛାତ୍ର, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସମ୍ପର୍କରେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିବା ସହିତ ବିଦ୍ୟାଳୟର ଉନ୍ନତିକରଣରେ ସାମିଲ ହେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପରିଡ଼ା, ଶ୍ୟାମସୁନ୍ଦର ଭୋଳ, ଧ୍ରୁବ ଚରଣ ପୃଷ୍ଟି, ବେଣୁଧର ରାଉତ, ପ୍ରହଲ୍ଲାଦ ମାହାଳି, କାର୍ତ୍ତିକ ଚନ୍ଦ୍ର ଚୁଳି, ଘନଶ୍ୟାମ ପରିଡା, ବଟକୃଷ୍ଣ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଆୟୋଜନ କରିବାରେ ୧୯୮୫ ବ୍ୟାଚ୍‌ର ଛାତ୍ର ରବିନ୍ଦ୍ର କୁମାର ସାମଲ, ଶିଶିର କୁମାର ରାଉତ, କେଶବ ରଣା, ସୁଶାନ୍ତ କୁମାର ସାହୁ, ପବିତ୍ର ମୋହନ ପରିଡା, ଚିରଞ୍ଜନ ରାଉତ, ବନବିହାରୀ ରାଉତ ଓ ମଦନ ମୋହନ ନାଏକ ପ୍ରମୁଖ ସହଯୋଗ କରିଥିଲେ।



# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଶ୍ରୀମନ୍ଦିର ପରିକ୍ରମା...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୭ ତାରିଖ ଦିନଟିକୁ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି। ୧୭ ତାରିଖ ଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ସ୍କୁଲ ଓ କଲେଜ ବନ୍ଦ ରହିବ। ଏହି ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ଯଜ୍ଞ ପାଇଁ ପୂଜାନୀତି ଆରମ୍ଭ ହୋଇଯାଇଛି। ଯଜ୍ଞମଣ୍ଡପ ଓ ପରିକ୍ରମା ମାର୍ଗ ବି ପ୍ରସ୍ତୁତ ହୋଇସାରିଛି। ପୁରୀକୁ ଲକ୍ଷାଧିକ ଭକ୍ତମାନଙ୍କର ଆଗମନ ହୋଇସାରିଛି।

## ସକାଳୁ ପୁରୀ...

ସମଙ୍ଗ ପାର୍କିଂ ଏବଂ ଭକ୍ତମାନଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ। ପ୍ରକଳ୍ପ ଲୋକାର୍ପଣ ସମାରୋହ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତଗଣଙ୍କ ସମାଗମ ହେବାର ସମ୍ଭାବନା ରହିଥିବା ଦୃଷ୍ଟିରୁ ନିୟମିତ ଭାବେ ପ୍ରକଳ୍ପ ଅଞ୍ଚଳକୁ ସଫାସୁତୁରା ରଖିବା ସହ ଭକ୍ତମାନଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଶ୍ରୀ ପାଣ୍ଡିଆନ୍ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫-ଟି ଅଧ୍ୟକ୍ଷଙ୍କ ଏହି ପରିଦର୍ଶନ ଓ ଅନୁଧ୍ୟାନ ସମୟରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଆଶିଷ ସିଂହ, ଓବିସିସି ଏମ୍‌ଡିଙ୍କ ସମେତ ଜିଲ୍ଲାପ୍ରଶାସନର ବରିଷ୍ଠ ଅଧିକାରୀ ତଥା ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ସୀମା ସଂଯୋଗକୁ ...

ସଚିବ ବିପୁଲ ବଂଶଲଙ୍କ ଏହାର ନେତୃତ୍ୱ ନେଇଥିଲେ। ଯେଉଁଥିରେ ବିଭିନ୍ନ ମନ୍ତ୍ରଣାଳୟ ଏବଂ କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ। ସେହିପରି ନେପାଳର ନେତୃତ ନେପାଳ ସରକାର, ଶିଳ୍ପ, ବାଣିଜ୍ୟ ଏବଂ ଯୋଗାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରାମଚନ୍ଦ୍ର ତିୱାରୀଙ୍କ ନେତୃତ୍ୱରେ ହୋଇଥିଲା। ତାଙ୍କ ସହ ନେପାଳର ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ପ୍ରମୁଖ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ।

## ମାର୍ଚ୍ଚ ୧୫ ସୁଦ୍ଧା...

ବି ଯୋଗ ଦେଇଥିଲେ। ସେହି ବୈଠକରେ ମାଳଦ୍ୱୀପ ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଭାରତକୁ ଔପଚାରିକ ଭାବେ ସୂଚୀତ କରାଯାଇଥିଲା। ନିକଟରେ ଚୀନ ଗସ୍ତରୁ ସ୍ୱଦେଶ ଫେରିଥିବା ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଏବେ ଭାରତକୁ ନେଇ ଲଗାତାର ତୀବ୍ର ବୟାନ ଦେଉଛନ୍ତି। ଶନିବାର (ଜାନୁଆରୀ ୧୩) ମୁଇଜ୍ଜୁ ସାମ୍ବାଦିକ ସମ୍ମିଳନୀରେ ଭାରତର ନାମ ନନେଇ ପରୋକ୍ଷରେ ଭାରତକୁ ଟାର୍ଗେଟ କରିଥିଲେ। ଆମେ ଛୋଟ ହୋଇଥାଉ କିନ୍ତୁ ଏହା ସେମାନଙ୍କୁ ଆମକୁ ଧମକ ଦେବା ପାଇଁ ଲାଇସେନ୍ସ ଦିଏ ନାହିଁ। ସେହିପରି ଚଳିତ ମାସ ଆରମ୍ଭରେ ମାଳଦ୍ୱୀପର ୩ ଜଣ ମନ୍ତ୍ରୀ ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ବୟାନ ଦେଇଥିଲେ। ଏହାକୁ ନେଇ ବଡ଼ ବିବାଦ ଦେଖାଯିବା ପରେ ସେମାନଙ୍କୁ ନିଲମ୍ବିତ କରାଯାଇଥିଲା।

## ବିଗୁଡୁଛି ଏୟାର...

ରେକର୍ଡ କରାଯାଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଆଗାମୀ କିଛି ଦିନ ପାଇଁ ଦିଲ୍ଲୀ ଏନ୍‌ସିଆରରେ ସମସ୍ତ ବେଆଇନ ନିର୍ମାଣ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କିଛି ଗାଡି ଚଳାଚଳ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇବାକୁ ଦିଲ୍ଲୀ ସରକାରଙ୍କୁ କୁହାଯାଇଛି।

## ଭାରତୀୟ ସଶସ୍ତ୍ର ...

ଆଡମିରାଲ ଆର ହରି କୁମାର, ଏହି ତିନି ସେନାର ବିଭିନ୍ନ ବରିଷ୍ଠ ଅଧିକାରୀ, ଏବଂ ସେମାନଙ୍କ ପରିବାର ସଦସ୍ୟ ମଧ୍ୟ ଯୋଗ ଦେଇଥିଲେ। ବାୟୁସେନା ଚିଫ ମାର୍ଶଲ ଚୌଧୁରୀ କହିଛନ୍ତି ଯେ ଆମେ ସମସ୍ତେ ସହମତ ହେବୁ ଯେ ଭାରତୀୟ ସଶସ୍ତ୍ର ବାହିନୀ ଦୁନିଆର ସର୍ବୋତ୍ତମ ଶକ୍ତି ଏବଂ ସାମଗ୍ରିକ ଯୁଦ୍ଧ ପରିସ୍ଥିତିର ଆହ୍ୱାନକୁ ମୁକାବିଲା କରିବା ପାଇଁ ପରିବର୍ତ୍ତିତ ସମୟ ସହିତ ନିଜକୁ ପରିବର୍ତ୍ତନ କରିଛି। ପ୍ରାୟ ୯୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଭାରତୀୟ ବାୟୁସେନା ଦୁନିଆର ସବୁଠାରୁ ଦୁର୍ଦ୍ଧର୍ଷ ବାୟୁସେନାରେ ପରିଣତ ହୋଇଛି ବୋଲି କହିଛନ୍ତି ବାୟୁସେନା ପ୍ରମୁଖ ମାର୍ଶଲ ଚୌଧୁରୀ। ସେ କହିଛନ୍ତି ଯେ ପୂର୍ବ ବର୍ଷ ସେବାୟତଙ୍କ ନିରନ୍ତର ପ୍ରୟାସ ଏବଂ ଉପଯୋଗୀ ସେବା ମାଧ୍ୟମରେ ଏହା ସମ୍ଭବ ହୋଇପାରିଛି।

## ଖସୁଛି ରାତି ...

ଆଭ୍ୟନ୍ତରୀଣ ଓଡ଼ିଶାର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଭିତରେ ରହିବ। ତେବେ ଶୀତ ବଢିବା ସହ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, କନ୍ଧମାଳ, କଟକ, କଳାହାଣ୍ଡି, ଅନୁଗୁଳ, ଢେଙ୍କାନାଳ, ନବରଙ୍ଗପୁର, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ଅନୁଗୁଳ, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡ଼ି ଲାଗି ରହିବ।

## ପୁଣି ବିଶ୍ୱରେ...

ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ଲୋହିତ ସାଗର ଆକ୍ରମଣର ପ୍ରତିଶୋଧ ନିଆଯାଇଛି ବୋଲି କହିଛନ୍ତି। ଜାହାଜ ଉପରେ ଆକ୍ରମଣକୁ ଆଦୌ ଗ୍ରହଣ କରାଯିବ ନାହିଁ। ହୁତି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ଲୋହିତ ସାଗର ଦେଇ ଯାଉଥିବା ଜାହାଜର ଗତି ପଥ ବଦଳାଇବାକୁ ପଡୁଥିଲା। ନିଜ ଲୋକ ଏବଂ ବ୍ୟବସାୟିକ ମାର୍ଗର ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦେବାକୁ ପଛଘୁଞ୍ଚା ଦେବୁ ନାହିଁ। ସେହିପରି ଆତ୍ମରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି। ଜଳପଥର ସୁରକ୍ଷା ପାଇଁ ବ୍ରିଟେନ ସବୁବେଳେ ଆଗଭର ହୋଇ ରହିଛି। ଜାହାଜ ଏବଂ କର୍ମଚାରୀଙ୍କ ଉପରେ ଆକ୍ରମଣକୁ କେବେ ବି ବରଦାସ୍ତ କରାଯିବ ନାହିଁ। ସାମୁଦ୍ରିକ ମାର୍ଗକୁ ବିପଦରେ ପକାଇବାର ଅନୁମତି କାହାକୁ ଦିଆଯିବ ନାହିଁ। ଅନ୍ୟପଟେ ସାଉଦି ଆରବ ଏହି ଆକ୍ରମଣ ଉପରେ ଚିନ୍ତା ପ୍ରକଟ କରିଛି। ଏହି ପ୍ରସଙ୍ଗରେ ଉପସାଗରୀୟ ରାଷ୍ଟ୍ର ସହ ଆମେରିକା ଏବଂ ବ୍ରିଟେନର ସମ୍ପର୍କ ଖରାପ ହୋଇପାରେ ବୋଲି କୁହାଯାଉଛି। ହୁତି ଉପ-ବିଦେଶ ମନ୍ତ୍ରୀ ହୁସେନ ଅଲ-ଏଜିଜ ଦେଶରେ ବଡ଼ ଆକ୍ରମଣ ହୋଇଥିବା କହିଛନ୍ତି। ଏହି ଆକ୍ରମଣକୁ ନେଇ ବ୍ରିଟେନ-ଆମେରିକାକୁ ଚେତାବନୀ ଦେଇଛନ୍ତି। ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ। ଏୟାର ଷ୍ଟ୍ରାଇକ ସତ୍ତ୍ୱେ□ ଲୋହିତ ସାଗରରେ ଆକ୍ରମଣ ଜାରି ରହିବ।

# କୋଶମ୍-୨୦୨୪ରେ ଅନୁଷ୍ଠିତ ହେଲା ସଡ଼କ ସୁରକ୍ଷା କର୍ମଶାଳା



**ବାଲେଶ୍ୱର,ନ୍ୟୁଜ୍**

ସ୍ଥାନୀୟ ପୋଲିସ ଲାଇନ ପଡିଆସ୍ଥ କୋଶମ୍-୨୦୨୪ ସମାରୋହ ପରିସର ପାର୍ଶ୍ୱ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଛାତ୍ରଛାତ୍ରୀମାନଙ୍କୁ ନେଇ ପାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା ଉପରେ ସଡକ ସୁରକ୍ଷା ସମ୍ପର୍କିତ ଅନେକ ଉପାଦେୟ ତଥ୍ୟ ରଖିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ସଡ଼କ ସୁରକ୍ଷା ଉପରେ ପୁରସ୍କାର ପ୍ରାପ୍ତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ପରେ ସଡ଼କ ସୁରକ୍ଷା ସମ୍ପର୍କିତ ନିୟମ ଏବଂ ଅନ୍ୟାନ୍ୟ ଦର୍ଶାଯାଇଥିବା ତଥ୍ୟାବଳୀ ଉପରେ ଏକ କୁଇଜ୍ ପ୍ରତିଯୋଗିତା କରି ସଠିକ ଉତ୍ତର ଦେଉଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସ୍ୱରୂପ ହେଲମେଟ୍ ପ୍ରଦାନ କରାଯାଇଥିଲା। ପରିଶେଷରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ କରକମଳରେ ପୂର୍ବରୁ ଅନୁଷ୍ଠିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ଲୋଗାନ ଏବଂ ଚିତ୍ରାଙ୍କନ ତଥା ଜନସାଧାରଣଙ୍କ ମଧ୍ୟରେ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କୃତି ବ୍ୟକ୍ତିବିଶେଷଙ୍କୁ ୨୦୦୦/-, ୧୫୦୦/- ଓ ୧୦୦୦/- ଟଙ୍କା ଅର୍ଥରାଶି ସହ ହେଲମେଟ ପ୍ରଦାନ କରାଯାଇଥିଲା। ସେହି ଭଳି କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି, ସାର୍ଟିଫିକେଟ ଏବଂ ହେଲମେଟ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ସମାରୋହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜିରେ ପ୍ରଥମ ବର୍ଷ ଜାତୀୟ ସ୍ତରର ବିଜୁ ପଟ୍ଟନାୟକ ଓପନ ଚେସ୍ ଚାମ୍ପିଅନସିପ୍

**କଣ୍ଟାବାଞ୍ଜି,ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ଚେସ୍ ଆସୋସେସନ ପକ୍ଷରୁ କଣ୍ଟାବାଞ୍ଜି ହରିଭବନ ଠାରେ ଜିଲ୍ଲା ଚେସ୍ ଆସୋସିଏସନ ସହଯୋଗରେ ପ୍ରଥମ ବର୍ଷ ଜାତୀୟ ସ୍ତରୀୟ ବିଜୁ ପଟ୍ଟନାୟକ ଓପନ ଚେସ୍ ଚାମ୍ପିଅନସିପ୍ ଶୁଭାରମ୍ଭ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ହାଜୀ ମହମ୍ମଦ ଆୟୁବ ଖାଁ, ବିଜେଡି ରାଜ୍ୟ ସମ୍ପାଦକ ଉଦ୍ଧବ ବେହେରା, ବଲାଙ୍ଗିର ଜିଲ୍ଲା ଚେସ୍ ଆସୋସିଏସନ ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ମାରୱାଡି ଯୁବ ମଞ୍ଚ ବିକାଶ ଶାଖା ସଭାପତି ଆକାଶ ଜୈନ, ଆୟୋଜକ କମିଟି ସଭାପତି ଶୁକଦେବ ମହାନ୍ତି, ସମ୍ପାଦକ ମଚିନ୍ଦ୍ର ନାରାୟଣ ବେହେରା, ପ୍ରତିଯୋଗିତା ନିର୍ଦ୍ଦେଶକ ଆଶିଷ ଖୈତାନ, ପ୍ରତିଯୋଗିତା ପରିଚାଳକ ଭାବେଶ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି





ଚାମ୍ପିଅନସିପ୍‌ରେ ରାଜ୍ୟ ତଥା ରାଜ୍ୟ ବାହାର ୧୬୭ ପ୍ରତିଯୋଗୀମାନେ ଭାଗ ନେଇଥିବା ବେଳେ ଆସନ୍ତା ୧୫ ତାରିଖ ଯାଏ ଚାଲିବ। ଅନ୍ୟ ପକ୍ଷରେ ଏଭଳି ଆୟୋଜନ ଯୋଗୁ କଣ୍ଟାବାଞ୍ଜିର ଚେସ ଖେଳାଳିମାନେ ଉତ୍ସାହିତ ହୋଇ ଆଗକୁ ଏଭଳି ପ୍ରତିଯୋଗୀତା ଭାଗ ନେବାକୁ ଆଗକୁ ଆସିବେ ତାହା ଖେଳାଳିମାନଙ୍କ ପାଇଁ ଶୁଭ ସଂକେତ ବୋଲି ମଞ୍ଚାସୀନ ଅତିଥି କହିଥିଲେ। ବିଧାୟକ ସାଲୁଜା ଏବଂ ପୂର୍ବତନ ବିଧାୟକ ଖାଁ କିଛି ସମୟ ଚେସ୍ ଖେଳି ଏହି ଚ୍ୟାମ୍ପିୟାନସିପର ଶୁଭାରମ୍ଭ କରିଥିବା ବେଳେ ଖେଳାଳିମାନଙ୍କୁ ମଧ୍ୟ ଉତ୍ସାହିତ କରିଥିଲେ। କଣ୍ଟାବାଞ୍ଜି ଚେସ୍ ଆସୋସିଏସନ କାର୍ଯ୍ୟକାରୀ ସଭାପତି ସଂଯୋଜକ ସତୀଶ ମାରୁ, ପରାମର୍ଶଦାତା ରାଜେଶ କୁମାର, ଦେବେନ୍ଦ୍ର ଯୋଶୀ, ଜିତେଶ ମାରୁ, ଦେବ ମହାନ୍ତି, ଦେବାର ବାରିକ, ପ୍ରଶାନ୍ତ ପାଢୀ, ରଞ୍ଜିତ ସିଂ ବାବୁ, ବିଶ୍ୱନାଥ ଅଗ୍ରୱାଲ, ଅରବିନ୍ଦ ଚନ୍ଦନ, ବିବେକ ଶର୍ମା, ପ୍ରିତିଶ ମହାନ୍ତି, ମନୀଷ ଜୈନ, ବିପୁଳ ମାରୁ, ସୁଶାନ୍ତ ମିଶ୍ର, ଜିତେଶ ମାରୁ ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର
୧୫ ଜାନୁଆରୀ
ସୋମବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

# ଗୁଡ଼ିରେ ବିପଦଜନକ ମାଞ୍ଜା ସୂତା ବ୍ୟବହାର ନକରିବାକୁ ପୋଲିସର ଅପିଲ



ଭୁବନେଶ୍ୱର, ୧୪।୧ :ନ୍ୟୁଜ୍‌ବ୍ୟୁରୋ

ଗୁଡ଼ି ଉଡାଇବା ସମୟରେ ସତର୍କତା ଅବଲମ୍ବନ କରିବା ସହ ବିପଦଜନକ ମାଞ୍ଜା ସୂତା ବ୍ୟବହାର ନ କରି ସାଧାରଣ ସୂତାରେ ଗୁଡ଼ି ଉଡ଼ାଇବାକୁ ଓଡ଼ିଶା ପୋଲିସ ପରାମର୍ଶ ଦେଇଛି। ମାଞ୍ଜା ସୂତା ବ୍ୟବହାର କରି ଗୁଡ଼ି ଉଡାଇବା ଆଇନତଃ ଦଣ୍ଡନୀୟ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି। ବିପଦଜନକ ମାଞ୍ଜା ସୂତା ବିକ୍ରୟ କିମ୍ବା ବ୍ୟବହାର ଉପରେ ଲାଗିବ ରୋକ୍। ଗୁଡ଼ି ଉଡ଼ାଇବା ବେଳେ ନିୟମ ଅବମାନନା କଲେ ହେବ କାର୍ଯ୍ୟାନୁଷ୍ଠାନ। ମକର ସଂକ୍ରାନ୍ତିରେ ଗୁଡ଼ି ଉଡାଇବାର ପରମ୍ପରା ରହିଛି। ଗୁଡ଼ି ଉଡାଇବା ପାଇଁ ମାଞ୍ଜା ସୂତା ବ୍ୟବହାର କରିଥାନ୍ତି ଲୋକେ। ଏହି ସୂତା ଅନେକ ଲୋକଙ୍କ ଜୀବନ ନେଇଥାଏ। ତେଣୁ ଗୁଡ଼ି ଉଡାଇବା ବେଳେ ମାଞ୍ଜା ସୂତା ବ୍ୟବହାର ନକରିବାକୁ ଅପିଲ କରିଛି କମିଶନରେଟ୍ ପୋଲିସ।





ଭୁବନେଶ୍ୱର : ଖାରବେଳ ନଗର ଅଞ୍ଚଳରେ ବିଶିଷ୍ଟ ହନୁମାନ ସାଧକ ତଥା ହନୁମାନ ଚାଳିଶା ପ୍ରବଚକ ଏବଂ ଶ୍ରୀରାମଚନ୍ଦ୍ର ପାରାୟଣ ଗବେଷକ ପ୍ରଭୁନାଥ ଶ'ଙ୍କ ଅଧ୍ୟକ୍ଷତାରେ ଏକ ବିରାଟ ୧୦୮ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ଅନୁଷ୍ଠିତ ହୋଇଯାଇଛି। ଏହି ଧାର୍ମିକ ଉତ୍ସବରେ ତୃପ୍ତି ମୋଟର୍ସର ସିଏମ୍‌ଡି ବିମଳେନ୍ଦୁ ମହାନ୍ତି ଓ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଉତ୍ସବକୁ ପରିଚାଳନା କରିଥିଲେ ବିଶ୍ୱରଞ୍ଜନ ସାହୁ ଓ ସୁଶ୍ରୀ ମମତା ଶ'। (ଫଟୋ : ସମ୍ବାଦ କଳିକା)







ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବା ପୂର୍ବରୁ ପ୍ରକଳ୍ପର ଚୂଡ଼ାନ୍ତ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ।

(ଫଟୋ : ସମ୍ବାଦ କଳିକା)

# ଖୋଲିଲା ଭିତରକନିକା ଜାତୀୟ ଉଦ୍ୟାନ

ରାଜନଗର, ୧୪।୧
ନ୍ୟୁଜ୍‌ବ୍ୟୁରୋ




ରବିବାରଠୁ ଖୋଲିଲା ଭିତର କନିକା। ଜାନୁଆରୀ ୫ରୁ ୧୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୯ ଦିନ ଧରି ପର୍ଯ୍ୟଟକ ମାନଙ୍କ ପାଇଁ ବନ୍ଦ ରହିଥିଲା ଭିତରକନିକା ଜାତୀୟ ଉଦ୍ୟାନ। କୁମ୍ଭୀର ଓ ପକ୍ଷୀ ଗଣନା ନିମନ୍ତେ ଭିତରକନିକାକୁ ବନ୍ଦ ରଖାଯାଇଥିଲା। ରାଜନଗର ବନଖଣ୍ଡ ଅଧିକାରୀ ଗୋପୀନାଥ ଯାଦବ ଏନେଇ ସୂଚନା ଦେଇଛନ୍ତି। ଗତ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କୁମ୍ଭୀର ଗଣନା ଚାଲିଥିଲା। ବଉଳାକୁମ୍ଭୀରଙ୍କ ଭୂସ୍ୱର୍ଗ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି। ଗତ ବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳ ଗୁଡିକରେ ୧୭୯୩ଟି ବଉଳାକୁମ୍ଭୀର ଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧୮୧୧କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷ ଠାରୁ ଚଳିତ ବର୍ଷ ୧୮ କୁମ୍ଭୀର ଅଧିକ ଥିବା ଚଳିତ ବର୍ଷର କୁମ୍ଭୀର ଗଣନା ରିପୋର୍ଟରୁ ଜଣାପଡିଛି। ଚଳିତ ବର୍ଷ ଭିତରକନିକାରେ କନିକା ରେଞ୍ଜର ପାଟଶାଳାମାଉଥରୁ ଏଫଆରଏଚ ଜେଠି ମଧ୍ୟରେ ୨ଟି, ଏଫଆରଏଚ ଜେଠିରୁ ଖୋଳାମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ଗୋଟିଏ ୨୦ଫୁଟରୁ ଅଧିକ ଲମ୍ବର ବଉଳା କୁମ୍ଭୀରକୁ ବନବିଭାଗ ଗଣନା ଟିମ୍ ଗଣନା ସମୟରେ ଠାବ କରିଛି।

# ମହିଳାଙ୍କ ପାଇଁ ସହଜ ହେବ ଚାଷ : କୃଷି ଉଦ୍ଭାବନ ପ୍ରୋତ୍ସାହନ ପାଇଁ ଚୁକ୍ତିନାମା

ଭୁବନେଶ୍ୱର, ୧୪।୧ :ନ୍ୟୁଜ୍‌ବ୍ୟୁରୋ



କୃଷି କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ କୃଷି ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆରଆରଆଇ), ମିସନ ଶକ୍ତି ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜନତା ମୈଦାନରେ ଆୟୋଜିତ କୃଷି ଓଡ଼ିଶାର ଦ୍ୱିତୀୟ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ହୋଇଛି। ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ୧୯୯୯ ମହାବାତ୍ୟା ପରେ ଓଡ଼ିଶାରେ ଅନେକ ପରିବର୍ତ୍ତନ ହୋଇଛି। ରାଜ୍ୟ ବଜେଟ୍ ଆକାର ୧୧ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୨ ଲକ୍ଷ ୩୦ ହଜାର କୋଟିରେ ପହଞ୍ଚିଛି। ଓଡ଼ିଶା ଏବେ ଦେଶର ସବୁଠୁ ଅଧିକ ବିକାଶ ହେଉଥିବା ରାଜ୍ୟରେ ପରିଣତ ହୋଇଛି। ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ଏକ ଉଦାହରଣ ପାଲଟିଛି। ବିପର୍ଯ୍ୟୟ ମୁକାବିଲା ଓ ଖାଦ୍ୟ ପରିଚାଳନା କ୍ଷେତ୍ରରେ ଜାତିସଂଘ ଭଳି ସଂସ୍ଥା ଓଡ଼ିଶାକୁ ପ୍ରଶଂସା କରୁଛନ୍ତି।

କୃଷି ଓଡ଼ିଶା ୨୦୨୪ରେ ପ୍ରଦର୍ଶିତ ହୋଇଥିବା ଜ୍ଞାନକୌଶଳ ଓ ଯନ୍ତ୍ରପାତିଗୁଡ଼ିକୁ ଭଲ ଭାବେ ଜାଣି ଚାଷ କାମରେ ତାହାକୁ ସଦୁପଯୋଗ ପାଇଁ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି, ଉଭୟ ରାଜ୍ୟ ଓ ଦେଶର କୃଷି କ୍ଷେତ୍ରର ବିକାଶରେ ମହିଳା କୃଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହିଳା କୃଷକଙ୍କ ବିନା ଆମ ରାଜ୍ୟ ତଥା କୃଷି କ୍ଷେତ୍ରରେ ଦେଶର ବିକାଶ କଳ୍ପନା କରାଯାଇ ପାରିବ ନାହିଁ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କୃଷିର ବିକାଶ ପାଇଁ ମହିଳାଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ନିଜକୁ କୃଷି ଉଦ୍ୟୋଗୀ ଏବଂ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ୟୁନିଟ୍‌ରେ ପରିଣତ କରିବା ପାଇଁ ସେ ଚାଷୀମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଓଡ଼ିଶା ୨୦୨୪ରେ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯିବା ସହ ଏହି କୃଷି ସଂସ୍ଥାଗୁଡ଼ିକର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ମିଶନ ଶକ୍ତି ଏବଂ ମୁଖ୍ୟମନ୍ତ୍ରୀ କୃଷି ଯୋଜନା ନାମକ ଦୁଇଟି ବହି ଉନ୍ମୋଚିତ ହୋଇଛି। ଏହି ଅବସରରେ ମିଶନ ଶକ୍ତି ଏବଂ ମୁଖ୍ୟମନ୍ତ୍ରୀ କୃଷି ଯୋଜନା ପୁସ୍ତିକା ଉନ୍ମୋଚିତ ହୋଇଛି। ମିଶନ ଶକ୍ତି ଅନ୍ତର୍ଗତରେ ପ୍ରାୟ ୭୦ ଲକ୍ଷ ମହିଳା ସକ୍ରିୟ ଭାବରେ ଅଂଶଗ୍ରହଣ କରିଛନ୍ତି। ଉନ୍ନତ କୃଷି ଜ୍ଞାନକୌଶଳର ସମନ୍ୱୟ ଫଳରେ ଷ୍ଟ୍ରବେରି, ଡ୍ରାଗନ୍ ଫ୍ରୁଟ୍, ଆଚାର, ଅଦା, ହଳଦୀ, ପନିପରିବା, ଚାଉଳ, ଆଖୁ ଆଦି ବିଭିନ୍ନ ମୂଲ୍ୟବାନ ଫସଲ ଉତ୍ପାଦନ ହୋଇଛି।

# ଭିଜିଲାନ୍ସ ଏସ୍‌ପିର ପରିଚୟ ଦେଇ ଠିକାଦାରଙ୍କୁ ୭.୬୦ ଲକ୍ଷ ଚୂନ ଲଗାଇ ଗିରଫ ହେଲେ ଅଧ୍ୟାପକ

ଭୁବନେଶ୍ୱର, ୧୪।୧ :ନ୍ୟୁଜ୍‌ବ୍ୟୁରୋ



ଭିଜିଲାନ୍ସ ଏସ୍‌ପି ଭାବେ ପରିଚୟ ଦେଇ ଠିକାଦାରଙ୍କ ଠାରୁ ୭ ଲକ୍ଷ ୬୦ ହଜାର ଟଙ୍କା ଚୂନ ଲଗାଇବା ଅଭିଯୋଗରେ ଜଣେ ଅଧ୍ୟାପକ ଗିରଫ ହୋଇଛନ୍ତି। ଗିରଫ ଅଧ୍ୟାପକ ହେଲେ ମନୋଜ କୁମାର ମାଝୀ।

ଅଭିଯୋଗ ଅନୁସାରେ, ଗତବର୍ଷ ମେ' ୩୧ ତାରିଖରେ ରାୟଗଡ଼ା ଅଞ୍ଚଳର ମନୋଜ କୁମାର ଚୌଧୁରୀ ନାମକ ଜଣେ ଠିକାଦାର ଏହି ଠକେଇ ନେଇ ଅଭିଯୋଗ କରିଥିଲେ । ଏତଲା ଆଧାରରେ ଅଭିଯୁକ୍ତ ମନୋଜ କୁମାର ମାଝୀଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ମନୋଜ ଭିଜିଲାନ୍ସ ଏସ୍‌ପି ଭାବେ ପରିଚୟ ଦେଇ ଭିଜିଲାନ୍ସ କାର୍ଯ୍ୟାଳୟର କନଷ୍ଟ୍ରକସନ କାମ ହେବ ବୋଲି କହିଥିଲେ। ଠିକାଦାରଙ୍କୁ କାମ ଦେବା ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏପରିକି ବିଶ୍ୱାସ ଜନ୍ମାଇବା ପାଇଁ କିଛି କାଗଜପତ୍ର ଦେଇଥିଲେ। ଏହାପରେ ଅଭିଯୁକ୍ତ ମନୋଜକୁ ପ୍ରଥମେ ଅନଲାଇନରେ ୫ ଲକ୍ଷ ଓ ପରେ ୨ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ ଅଭିଯୋଗକାରୀ। ଟଙ୍କା ନେବା ପରେ ଆଉ ଧରାଛୁଆଁ ଦେଇ ନଥିଲେ ଅଭିଯୁକ୍ତ। ତଦନ୍ତ ପରେ କେସ ନମ୍ବର ୫୦ ଦଫା ୪୧୯, ୪୨୦, ୪୬୭, ୪୬୮ ଓ ଆଇଟି ଆକ୍ଟରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।

ସୂଚନାଯୋଗ୍ୟ ଅଭିଯୁକ୍ତ ମନୋଜ ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥିତ ଝାଡ଼େଶ୍ୱରୀ କଲେଜରେ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପକ ଅଟନ୍ତି। ଅଭିଯୁକ୍ତ ନାଁରେ ଟଙ୍କା ଠକେଇ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ୫ଟି ମାମଲା ସହ ଗଞ୍ଜାମ, ପୁରୀ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରହିଛି। ମନୋଜ ମାଝୀଠାରୁ ୨ ଲକ୍ଷ ୬୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ, ୬ଟି ଏଟିଏମ କାର୍ଡ ଜବତ ହୋଇଛି। ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି।

# କବାଡ଼ିଆ ଦୋକାନରେ ନିଆଁ: ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ

କଟକ, ୧୪।୧ :ନ୍ୟୁଜ୍‌ବ୍ୟୁରୋ

କଟକ ଜିଲ୍ଲା ବାଙ୍କି ଏନଏସି ୧୦ ନମ୍ବର ୱାର୍ଡରେ ଅଭାବନୀୟ ଘଟଣା ଘଟିଛି। ଏକ କବାଡିଆ ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପୋଡି ପାଉଁଶ ହୋଇଯାଇଛି। ରବିବାର ସକାଳୁ ହଠାତ ଗୋଦାମ ଘରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଧୂଆଁ ବାହାରୁଥିବା ଦେଖି ଗୋଦାମର ମାଲିକ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବାଙ୍କୀ ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସେପଟେ କେହି ଜାଣିଶୁଣି ନିଆଁ ଲଗାଇଥିବା ନେଇ ଗୋଦାମର ମାଲିକ ସନ୍ଦେହ ପ୍ରକାଶ କରୁଛନ୍ତି।


ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚ୍ଚିଦାନନ୍ଦ କର, ମୁଠାଏ ଆଶା-ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)






# ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


## ବଲାଙ୍ଗୀରରେ ଜଳବାୟୁ ପରିବର୍ତ୍ତନର କରାଳ ରୂପ

# ୫ ଦଶନ୍ଧିରେ ଘଟିଛି ୨୭ ପ୍ରାକୃତିକ ବିପର୍ଯ୍ୟୟ

ବଲାଙ୍ଗୀର, ୧୪।୧
ନ୍ୟୁଜ୍‌ବ୍ୟୁରୋ



ପ୍ରାୟ ଗୋଟିଏ ଦଶନ୍ଧି ହେଲା ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ବର୍ଷା କମିଛି। ବାର୍ଷିକ ବୃଷ୍ଟିପାତ ହାର ସବୁ ଜିଲ୍ଲାରେ କ୍ରମଶଃ ଖସିବାରେ ଲାଗିଛି। ବିଗତ ୧୦ ବର୍ଷର ପରିସଂଖ୍ୟାନ ଦେଖିଲେ ସ୍ଥିତି ଉଦ୍‌ବେଗଜନକ ଥିବା ସ୍ପଷ୍ଟ ବାରି ହେଉଛି। ଏହି ଅବଧି ମଧ୍ୟରେ ଅସ୍ୱାଭାବିକ ପାଣିପାଗ, ମୌସୁମୀ ଗାଏବ୍ ହେବା ଭଳି ଅନେକ ଦୃଷ୍ଟାନ୍ତ ରହିଛି। ବିଭିନ୍ନ ରାସାୟନିକ ବିକିରଣ ସହ ଭୂପୃଷ୍ଠ ଅତ୍ୟଧିକ ଉତ୍ତପ୍ତ ହେବା ଯୋଗୁଁ ବାୟୁମଣ୍ଡଳ ଉପରେ ଏହାର କୁପ୍ରଭାବ ପଡ଼ିଛି। ଫଳରେ ବର୍ଷାଭାବ ଏବଂ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୫୦ବର୍ଷ ମଧ୍ୟରେ ପଶ୍ଚିମ ଓଡ଼ିଶାର ପାଖାପାଖି ୩୦ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇଥିବା ଏକ ବିଦେଶୀ ସଂସ୍ଥାର ସର୍ଭେ ରିପୋର୍ଟ କହୁଛି। ଜଳବାୟୁ ପରିବର୍ତ୍ତନର କରାଳ ରୂପ ବଲାଙ୍ଗୀର ଜିଲ୍ଲାର ପାଣିପାଗକୁ ଦେଖିଲେ ଠଉରାଇ ହେଉଛି। ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଜିଲ୍ଲାର ସ୍ୱାଭାବିକ ପାଣିପାଗ ବିଗିଡ଼ି ଯାଇଛି। ସରକାରୀ ରିପୋର୍ଟ ଅନୁସାରେ, ୧୯୭୨ରୁ ୨୦୨୩ ମସିହା ମଧ୍ୟରେ ବଲାଙ୍ଗୀର ଜିଲ୍ଲା ୨୭ଟି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି।

ଏହି ଅବଧି ମଧ୍ୟରେ ଜିଲ୍ଲା ସର୍ବାଧିକ ଭାବେ ମରୁଡ଼ିର ସମ୍ମୁଖୀନ ହୋଇଛି। ୫୦ ବର୍ଷରେ ବଲାଙ୍ଗୀର ୧୬ ବର୍ଷ ମରୁଡ଼ିର ଶିକାର ହୋଇଛି। କେବଳ ୨୦୦୦ ରୁ ୨୦୨୩ ମଧ୍ୟରେ ୧୦ ଥର ଜିଲ୍ଲାରେ ମରୁଡ଼ି ପଡ଼ିଛି। ସେହିପରି ପାଞ୍ଚ ଦଶନ୍ଧି ମଧ୍ୟରେ ୧୯୮୨ ମସିହାରେ ଜିଲ୍ଲା ଉଭୟ ବନ୍ୟା ଏବଂ ମରୁଡ଼ି ଦେଖିଛି। ୨୦୧୩ରେ ଫାଇଲିନ୍‌କୁ ମିଶାଇ ୨୦୧୪ ଏବଂ ୨୦୨୧ ମସିହାରେ ସାଙ୍ଘାତିକ ବର୍ଷାର ଶିକାର ହୋଇଛି। ଯଦ୍ୱାରା ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହେବା ସହ ଫସଲହାନି ହୋଇଛି। ସେହିପରି ୨୦୦୬ରୁ ୨୦୨୦ ମସିହା ମଧ୍ୟରେ ବଲାଙ୍ଗୀର ଜିଲ୍ଲା ବନ୍ୟାରେ ବି ଭାସିଛି। ୨୦୦୧ ଏବଂ ୨୦୧୮ ମସିହାରେ ଚାଷରେ ରୋଗପୋକ ଚାଷୀର ମେରୁଦଣ୍ଡ ଦୋହଲାଇ ଦେଇଛି। ଏସବୁ ପରିସଂଖ୍ୟାନ ଦେଖିଲେ, ଜିଲ୍ଲାରେ କିଭଳି ଜଳବାୟୁ ପରିବର୍ତ୍ତନ ସ୍ୱାଭାବିକ ଜୀବନଧାରାକୁ ପ୍ରଭାବିତ କରିଛି, ତାହା ଜଳଜଳ ଦିଶୁଛି। ଜିଲ୍ଲାର ଚାଷବାସ ଗୋଟିଏ ହିସାବରେ କେବଳ ଲଘୁଚାପ ବର୍ଷା ଉପରେ ହିଁ ନିର୍ଭରଶୀଳ। ଖରାଦିନର ଅବଧି ବଢୁଥିବା ବେଳେ ଶୀତ ଏବଂ ବର୍ଷା ଦିନ ସଂଖ୍ୟା କମୁଛି।

ଫଳରେ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସାମନା କରିବାକୁ ପଡୁଛି। ବର୍ଷାଭାବ ସହ ଭୂତଳ ଜଳସ୍ତର ମଧ୍ୟ କ୍ରମାଗତ ଭାବେ ଖସୁଛି। ଯାହାର ସିଧାସଳଖ ପ୍ରଭାବ କୃଷି କ୍ଷେତ୍ରରେ ପଡ଼ିଛି। ଜଳାଭାବ ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ମରୁଡ଼ି ସ୍ଥିତିର ସାମ୍ନା କରିବାକୁ ପଡୁଛି। ମୋଟାମୋଟି ଭାବେ, ଜିଲ୍ଲାର ସ୍ୱାଭାବିକ ପାଣିପାଗ ଗୋଟିଏ ଦଶନ୍ଧି ହେଲା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି।